୬

ରୌପ୍ୟ ପଦକ ଜିତିଲା ଜାତୀୟ ସବ୍ ଜୁନିଅର ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୧ ● ୨୯ ମଇ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-121 ● 29th May 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24

ଯୁବପିଢିଙ୍କ ବିକାଶ ପାଇଁ ନବୀନଙ୍କ ଗ୍ୟାରେଣ୍ଟି

ସ୍ୱୟମ୍ ଯୋଜନାରେ ବିନା ସୁଧରେ ମିଳିବ ୨ ଲକ୍ଷ ଟଙ୍କାର ଋଣ

ଭୁବନେଶ୍ୱର, ୨୮/୦୫
ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ଯୁବପିଢିଙ୍କ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଯୁବପିଢ଼ି ଆଗେଇଲେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇପାରିବ ବୋଲି ହୃଦୟଙ୍ଗମ କରିଛନ୍ତି। ଏହାସହ ୨୦୨୪ ନିର୍ବାଚନରେ ପୁଣି ସରକାରକୁ ଆସିଲେ ଆହୁରି କିଛି ଯୋଜନା ଲାଗୁ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କ୍ରମରେ ନବୀନ ସରକାର ଘୋଷଣା କରିଛନ୍ତି ରାଜ୍ୟର ଯୁବକମାନଙ୍କ ବିକାଶ ଓ ସମୃଦ୍ଧି ପାଇଁ ଆଗାମୀ ୧୦ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ଯୁବ ବଜେଟ ଅଣାଯିବ। ଏହି ବଜେଟକୁ ୧୦ ବର୍ଷ ମଧ୍ୟରେ ଯୁବପିଢିଙ୍କ ସମୃଦ୍ଧି ପାଇଁ ବିଭିନ୍ନ ଦିଗରେ ଖର୍ଚ୍ଚ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ସେହିଭଳି ରାଜ୍ୟର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭର କରିବାକୁ ରାଜ୍ୟ ସରକାର ସ୍ୱୟମ ଯୋଜନା ନାମରେ ଏକ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ରାଜ୍ୟର ବେକାର ଯୁବକ ଯୁବତୀମାନେ ବ୍ୟାଙ୍କରୁ ବିନା ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ । ଏହି ଋଣ ଦେବା ବେଳେ ବ୍ୟାଙ୍କ ଋଣଗ୍ରହୀତାଙ୍କୁ କୌଣସି ବନ୍ଧକ ମାଗିପାରିବେ ନାହିଁ। ଏହି ଋଣ ସହଜ ଓ ସୁବିଧାରେ ଉପଲବ୍ଧ ହେବ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ବ୍ୟାଙ୍କଗୁଡିକୁ ସୂଚନା ପ୍ରଦାନ କରିଛନ୍ତି। ଋଣ ନେଇ ବେକାର ଯୁବକ ଯୁବତୀ ବ୍ୟବସାୟ ସହ ଅନ୍ୟ କିଛି କରି ନିଜର ଗୁଜରାଣ ମେଣ୍ଟାଇପାରିବେ। ଏହାସହ ସେମାନଙ୍କ ପାଖରେ ଯଦି ବ୍ୟବସାୟ ପ୍ରତିଷ୍ଠାନ ରହିଛି ତେବେ ତାହାକୁ ବୃଦ୍ଧି କରିପାରିବେ। ସେହିପରି ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିଶେଷ ଧ୍ୟାନ ଦେବାକୁ ଯୋଜନା ରଖିଛନ୍ତି। ଏହି ଦିଗରେ କାମ କରାଗଲେ ବହୁ ସଂଖ୍ୟାରେ ଯୁବପିଢ଼ି ନିଯୁକ୍ତ ହୋଇପାରିବେ। ସ୍କିଲ ଇନ୍ ଓଡ଼ିଶା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର।

ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର

ଭୁବନେଶ୍ୱର, ୨୮/୦୫
ନ୍ୟୁଜ ବ୍ୟୁରୋ

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଭୋଗରାଇ, ବସ୍ତା, ଜଳେଶ୍ୱର, ରେମୁଣା ଓ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ପ୍ରଚାର କରି ବିଜେପି ଶାସିତ ରାଜ୍ୟ ଶାସନର ମୁଖା ଖୋଲିଛନ୍ତି । ତାଙ୍କ ଶାସିତ ରାଜ୍ୟଗୁଡ଼ିକର ଅସଲି ଚେହେରା ଲୋକଙ୍କ ସାମ୍ନାରେ ରଖିଛନ୍ତି । ସେ କହିଲେ ଯେ, ବିଜେପି ଦଳ ନେତା ଓଡ଼ିଶାରେ ଆସି କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ ବୋଲି। ୨୫ ବର୍ଷ ଧରି ଗୁଜୁରାଟରେ ବିଜେପି ଦଳ କ୍ଷମତାରେ ଅଛି, ଗୁଜୁରାଟକୁ ସେମାନେ ଏକ ନମ୍ବର କରିପାରିଲେ କି ? କୋଭିଡ ମହାମାରୀକୁ ମନେ ପକାଇ ସେ କହିଲେ ଯେ, କୋଭିଡ ସମୟରେ ଗୁଜୁରାଟର କ'ଣ ସ୍ଥିତି ଥିଲା, ଓଡ଼ିଶାର କ'ଣ ସ୍ଥିତି ଥିଲା, ସାରା ଦୁନିଆ ଜାଣିଛି । ଗୁଜୁରାଟରେ ଲୋକମାନେ ସେ ସମୟରେ ଚିକିତ୍ସା ପାଇଁ ବହୁତ ହଇରାଣ ହେଉଥିଲେ, ଓଡ଼ିଶାରେ ଆମ ମୁଖ୍ୟମନ୍ତ୍ରୀ ଗରୀବ ଜନସାଧାରଣଙ୍କୁ ମାଗଣାରେ ଚିକିତ୍ସା କରିଥିଲେ, ସମସ୍ତଙ୍କୁ ସମ୍ମାନର ସହ ବ୍ୟବହାର କରିଥିଲେ । ୨୦ ବର୍ଷ ହେଲା ମଧ୍ୟପ୍ରଦେଶରେ ବିଜେପି ସରକାର ଅଛନ୍ତି, ସେଠି ଏବେ ବି ମାଇଗ୍ରେସନ ଚାଲିଛି, ବହୁତ ଗରିବ ଲୋକ ଅଛନ୍ତି । ସେଠାରେ ପରିବର୍ତ୍ତନ କାହିଁ ? ପ୍ରଥମେ ଆପଣ ଯେଉଁ ରାଜ୍ୟରେ ସରକାର କରିଛନ୍ତି ସେ ରାଜ୍ୟକୁ ଠିକ୍ କରନ୍ତୁ। ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ଆମ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି, ଆଉ କାହାର ଦୟା ଓଡ଼ିଶାବାସୀଙ୍କୁ ଦରକାର ନାହିଁ । ନବୀନ ପଟ୍ଟନାୟକଙ୍କ ଶାସନରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରଶାସନିକ ଦକ୍ଷତାକୁ ଉଲ୍ଲେଖ କରି ସେ ଆହୁରି ମଧ୍ୟ କହିଲେ ଯେ, ମୁଖ୍ୟମନ୍ତ୍ରୀ ଯେଉଁଟାକୁ ଛୁଇଁବେ ତାକୁ ସୁନା କରି ଦେଖାଇବେ, କ୍ରୀଡ଼ାକ୍ଷେତ୍ରକୁ ଛୁଇଁଲେ, ଭାରତବର୍ଷରେ ଓଡ଼ିଶାକୁ ଅଗ୍ରଣୀ କରି ଏକ ନମ୍ବର କଲେ, ବିପର୍ଯ୍ୟୟ ପରିଚାଳନାକୁ ଛୁଇଁଲେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ଏକ ନମ୍ବର କଲେ, ଖାଦ୍ୟ ସୁରକ୍ଷାକୁ ଛୁଇଁଲେ, ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଇ ଭାରତରେ ୩ ନମ୍ବର ସ୍ଥାନ ହାସଲ କଲେ । ବିରୋଧିଙ୍କ ଚାଲ୍ ପ୍ରତି ସତର୍କ ରହିବା ପାଇଁ ଦୃଷ୍ଟି ଦେବାକୁ କହି ସେ କହିଲେ ଯେ, ବିରୋଧି ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରିଆରେ ଏ.ଆଇ. ବ୍ୟବହାର କରି ମୁଖ୍ୟମନ୍ତ୍ରୀଙ୍କ ମିଛ ଭିଡିଓ ଛାଡୁଛନ୍ତି, ତେଣୁ ଏହି ମିଛ ଭିଡ଼ିଓ ପ୍ରତି ଆପଣମାନେ ସତର୍କ ରୁହନ୍ତୁ, କ୍ଷମତା ପାଇଁ ଏମାନେ କିଛି ବି କରିପାରିବେ । ସେ କହିଲେ ଯେ, ବିଜେପି ଦଳ କହୁଛି ଓଡ଼ିଶାରେ ନକ୍ସଲ ସମସ୍ୟାକୁ ସେମାନେ ସମାଧାନ କରିଛନ୍ତି ବୋଲି, କିନ୍ତୁ ପ୍ରକୃତପକ୍ଷେ ଓଡ଼ିଶାରେ ନକ୍ସଲ ସମସ୍ୟା ନବୀନ ପଟ୍ଟନାୟକ ଦୂର *(ପୃଷ୍ଠା ୭ରେ)*

ବିଜେପିକୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଜବାବ

ଭୁବନେଶ୍ୱର, ୨୮/୦୫
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପିକୁ କଡ଼ା ଜବାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭିଡିଓରେ ନିଜ ହାତକୁ ବାଡେଇ କହିଛନ୍ତି 'ମୋ ହାତକୁ ନେଇ ଅନାବଶ୍ୟକ ଆଲୋଚନା ହେଉଛି, ବିଜେପି ଏହାକୁ ନେଇ ଅପପ୍ରଚାର କରୁଛି। ମୁଁ ନିଶ୍ଚିତ, ଏହି ପ୍ରସଙ୍ଗ କାମ କରିବ ନାହିଁ'। ସେ କହିଛନ୍ତି ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାରେ ବିଜେପି ଓସ୍ତାଦ୍ । ବିଜେପିର ନେତାମାନେ ଓଡ଼ିଶାରେ ମିଛ ଅପପ୍ରଚାର ଚଳାଇଛନ୍ତି। ହେଲେ ଏହି ଅପପ୍ରଚାର କିଛି କାମ କରିବ ନାହିଁ। ବିଜେପି ଏବଂ ତାର ନେତାମାନଙ୍କୁ ଓଡ଼ିଶାର ଲୋକେ ଭଲଭାବେ ଜାଣିଛନ୍ତି। ସେମାନେ ଯେତେଯାହା ମିଛ ଅପପ୍ରଚାର କଲେ ବି ତା'ର କୌଣସି ପ୍ରଭାବ ଏଠାରେ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଆଜି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି

ବାରିପଦା, ବାଲେଶ୍ୱର ଏବଂ କେନ୍ଦ୍ରାପଡାରେ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେବେ

ଭୁବନେଶ୍ୱର, ୨୮/୦୫
ନ୍ୟୁଜ ବ୍ୟୁରୋ

ଶେଷ ପର୍ଯ୍ୟାୟ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପିର ପ୍ରଚାର ପ୍ରସାରକୁ ଶାଣୀତ କରିବା ପାଇଁ ଏବଂ ମୋଦି ଗ୍ୟାରେଣ୍ଟିର ଲାଭକୁ ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୯ ତାରିଖ ମଧ୍ୟାହ୍ନ ୧୨.୩୦ରେ ବାରିପଦାର ଛଉପଡିଆ, ଅପରାହ୍ନ ୨ ଟାରେ ବାଲେଶ୍ୱରର ରେମୁଣାସ୍ଥିତ ନରହରି ପଡିଆ ଏବଂ ଅପରାହ୍ନ ୪ଟାରେ କେନ୍ଦ୍ରାପଡାର ବରୁଆ ପଡିଆଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ ।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସକାଳ ୯.୩୦ରେ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀର ନିମାପଡା, ସକାଳ ୧୦.୩୦ରେ କାକଟପୁର, ମଧ୍ୟାହ୍ନ ୧୧.୩୦ରେ ପାରାଦୀପ, ମଧ୍ୟାହ୍ନ ୧୨.୩୦ ଜଗତସିଂହପୁର, ଅପରାହ୍ନ ୧.୩୦ରେ ତିର୍ତ୍ତୋଲ, ଅପରାହ୍ନ ୨.୪୫ରେ ଭଦ୍ରକର ଚାନ୍ଦବାଲି, ଅପରାହ୍ନ ୪.୩୦ ଧାମନଗର ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ ।

ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡଙ୍ଗୀ ବୁଧବାର ଦିନ ସକାଳ ୧୦.୩୦ରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର *(ପୃଷ୍ଠା ୭ରେ)*

ପୁଣି ଫେରିଲା ତାତି: ପଶ୍ଚିମ ଓଡ଼ିଶାରେ ଜନଜୀବନ ଅସ୍ତବ୍ୟସ୍ତ

୪୫.୯ ଡିଗ୍ରୀରେ ବୌଦ୍ଧ, ରାଜସ୍ଥାନରେ ୫୦ ଡିଗ୍ରୀ ଅତିକ୍ରମ କଲା ପାରଦ

ଭୁବନେଶ୍ୱର, ୨୮/୦୫
ନ୍ୟୁଜ ବ୍ୟୁରୋ

କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ତାତି ଫେରିଛି। ଦେଶର ପଶ୍ଚିମ ଓ ଉତ୍ତରରେ ଥିବା ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ପ୍ରବଳ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଉପକୂଳ ଓଡ଼ିଶାରେ ତାପମାତ୍ରା ସାଧାରଣ ଥିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରବଳ ଖରା ହୋଇଛି। ବୌଦ୍ଧରେ ତାପମାତ୍ରା ୪୫.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୋନପୁରରେ ୪୫.୩ ଓ ଟିଟିଲାଗଡ଼ରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ଏହି ସୂଚନା ଦିଆଯାଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ମଙ୍ଗଳବାର ରାଜସ୍ଥାନରେ ଚୁରୁରେ ସର୍ବାଧିକ ତାପମାତ୍ରା ୫୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଗଙ୍ଗାସାଗରରେ ୪୯.୪, ପିଲାନି ଓ ଫଲୋଡିରେ ୪୯, ବିକାନେରରେ ୪୮.୩, କୋଟାରେ ୪୮.୨ ଓ ଜୟସଲମେରରେ ୪୮ ଡିଗ୍ରୀ ପାରଦ ଛୁଇଁଛି। ଏହା ପୂର୍ବରୁ ଚୁରୁରେ ସର୍ବାଧିକ ତାପମାତ୍ରା ୫୦.୮ ଡିଗ୍ରୀ ପାରା ଛୁଇଁଥିଲା। ଏହା ୫ ବର୍ଷ ପୂର୍ବରୁ ଅର୍ଥାତ ୨୦୧୯ ଜୁନ୍ ୧ ତାରିଖରେ ଅନୁଭୂତ ହୋଇଥିଲା।

ମତଦାନ କେନ୍ଦ୍ରର ଭିଡିଓ ପ୍ରସାରଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ସିଇଓ

ଭୁବନେଶ୍ୱର, ୨୮।୫
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅର୍ନ୍ତଗତ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ମତଦାନ କେନ୍ଦ୍ରରେ ଘଟିଥିବା ଘଟଣାର ଏକ ଭିଡିଓ କେତେକ ଇଲେକ୍ଟ୍ରୋନିକ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ରାଜ୍ୟମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଗୁରୁତର ସହ ନେଇଛନ୍ତି। ତୁରନ୍ତ ଏହାର ଅନୁସନ୍ଧାନ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ଦପ୍ତର ପକ୍ଷରୁ କୁହାଯାଇଛି ମତଦାନ ଦିବସରେ ପ୍ରାୟ ୬୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂର ବ୍ୟବସ୍ଥା କରାଯାଇଥିଲା। ଯାହା ଦ୍ୱାରା ମତଦାନକେନ୍ଦ୍ରର ସମସ୍ତ ଟିକିନିଖି କାର୍ଯ୍ୟକୁ ମୁଖ୍ୟନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସରଙ୍କ କଣ୍ଟ୍ରୋଲ ରୁମ୍‌ରେ ଏହି ଲାଇଭ୍ ୱେବକାଷ୍ଟିଂକୁ ଦେଖାଯାଇଥାଏ। ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ପୃକ୍ତ ମତଦାନ କେନ୍ଦ୍ରରେ ଘଟିଥିବା ଘଟଣାର ଭିଡିଓ ଚିତ୍ର ଅନୁସନ୍ଧାନ ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଇଓଙ୍କ ଦପ୍ତର ପକ୍ଷରୁ କୁହାଯାଇଛି।

ଓଡ଼ିଶାରେ ବିଜେପି ସରକାର ଆସିଲେ, ୪ ମାସ ଭିତରେ ଭଦ୍ରକରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେବ: ଅମିତ ଶାହ

ଚାନ୍ଦବାଲି, ୨୮/୦୫
ନ୍ୟୁଜ ବ୍ୟୁରୋ

ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଆୟୋଜିତ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି, ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର, ଏଠି ପ୍ରଚୁର ପାଣି ବି ରହିଛି। କିନ୍ତୁ ଓଡ଼ିଶା ଏବେ ବି ଗରିବ। ଓଡ଼ିଶାର ଯୁବବର୍ଗ ପେଟ ପୋଷିବାକୁ ବାହାରକୁ ଯାଉଛନ୍ତି। ଓଡ଼ିଶାର ଗରିବୀ ପାଇଁ ଏଠାକାର ମୁଖ୍ୟମନ୍ତ୍ରୀ ନବୀନ ବାବୁ ଦାୟୀ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବିଜେପିକୁ ଭୋଟ୍ ଦିଅନ୍ତୁ ଓ ଓଡ଼ିଶାକୁ ସମୃଦ୍ଧ କରନ୍ତୁ ବୋଲି କହିଥିଲେ। ଏ ନିର୍ବାଚନ ଓଡ଼ିଆ ଅସ୍ମିତା, ଭାଷା, କଳା, ସ୍ୱାଭିମାନର ନିର୍ବାଚନ। ଓଡ଼ିଶାରେ ବି ମୋଦିଙ୍କ ସରକାର ବନାଇବାକୁ ପଡ଼ିବ। ୭୫ରୁ ଅଧିକ ସିଟ୍ ଜିତି ଡବଲ ଇଂଜିନ ସରକାର *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଯେତେ ଛଟପଟ ହେଲେ ବି ଭାଇନା
କମିବନି ଜମା ତାତି
ଗଛଟିଏ ମଣିଷଟିଏ କଥା
ପ୍ରତି ଦେଖା ଟିକେ ପ୍ରୀତି
ନହେଲେ ନାହିଁ ଅନ୍ୟଗତି
ପ୍ରକୃତି ସଙ୍ଗରେ ଖେଳି ଚାଲିଥିଲେ
ରହିଯିବ ଖାଲି ସ୍ମୃତି।

ନୂଆ ମହାମାରୀ ନିଶ୍ଚିତ: ବୈଜ୍ଞାନିକଙ୍କ ଭୟାନକ ଚେତାବନୀ



ଲଣ୍ଡନ, ୨୮/୦୫

ବ୍ରିଟେନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ସାର୍ ପାଟ୍ରିକ୍ ଭାଲାନ୍ସ କହିଛନ୍ତି ଯେ ବିଶ୍ୱ ଖୁବ୍ ଶୀଘ୍ର ଅନ୍ୟ ମହାମାରୀର ସମ୍ମୁଖୀନ ହେବାକୁ ଯାଉଛି ଏବଂ ଏହାକୁ ରୋକିବା ପ୍ରାୟ ଅସମ୍ଭବ। ଅନ୍ୟ ଏକ ମହାମାରୀ ଆସିବା ନିଶ୍ଚିତ ବୋଲି ଭାଲାନ୍ସ ଚେତାବନୀ ଦେଇଛନ୍ତି। ଏଭଳି ପରିସ୍ଥିତିରେ ବିଭିନ୍ନ ଦେଶର ସରକାର ଏଥିରୁ ମୁହଁ ଫେରାଇବା ପରିବର୍ତ୍ତେ ପ୍ରସ୍ତୁତିକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ଭାଲାନ୍ସ କହିଛନ୍ତି କରୋନା ମହାମାରୀ ସମୟରେ ବାଧ୍ୟ ହୋଇ ସରକାର ଚିକିତ୍ସା ତଥା ଟିକା ପାଇବା ପାଇଁ କଠୋର ପଦକ୍ଷେପଗୁଡ଼ିକ ଗ୍ରହଣ କରିଥିଲେ। ତେବେ ନୂଆ ମହାମାରୀରେ ଏସବୁ ପଦକ୍ଷେପଗୁଡ଼ିକ କମ୍ ହୋଇପାରେ। ଗତ କିଛି ବର୍ଷ ମଧ୍ୟରେ, କରୋନା ଭୂତାଣୁ ଯୋଗୁ ସୃଷ୍ଟି ହୋଇଥିବା ମହାମାରୀ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଛି। ଏଭଳି ପରିସ୍ଥିତିରେ ଭାଲେନ୍ସଙ୍କ ଚେତାବନୀ ପୁଣି ଥରେ ଚିନ୍ତା ବଢ଼ାଇ ଦେଇଛି। 'ଦି ଗାର୍ଡିୟନ' ରିପୋର୍ଟ ଅନୁସାରେ ହେ ଫେଷ୍ଟିଭାଲରେ ଭାଷଣ ଦେଇ ଭାଲାନ୍ସ କହିଛନ୍ତି ଆସନ୍ତା ସମୟରେ ନିର୍ବାଚନରେ ଅଧିକ ଧ୍ୟାନ ନ ଦେଇଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ମୁକାବିଲା ଉପରେ ଦୃଷ୍ଟି ଦେବା ଆବଶ୍ୟକ। ଭାଲାନ୍ସଙ୍କ ସୂଚନା ଅନୁଯାୟୀ, ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉଦୀୟମାନ ବିପଦର ଶୀଘ୍ର ଚିହ୍ନଟ ପାଇଁ ଉନ୍ନତ ନିରୀକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା କରିବା। ସେ ୨୦୨୧ ମସିହାରେ *(ପୃଷ୍ଠା ୭ରେ)*

ବାତ୍ୟା ରେମାଲରେ ୧୬ ମୃତ

ନୂଆଦିଲ୍ଲୀ, ୨୮/୦୫

ରେମାଲ୍ ବାତ୍ୟା ରବିବାର ରାତିରେ ଲ୍ୟାଣ୍ଡଫଲ୍ କରିଛି। ରବିବାର ରାତି ୮ଟା ୩୦ରେ ସାଗର ଦ୍ୱୀପ ଏବଂ ବାଂଲାଦେଶର ଖେପୁପଡ଼ା ମଧ୍ୟରେ ଉକ୍ତ ସାମୁଦ୍ରିକ ଝଡ଼ ଲ୍ୟାଣ୍ଡଫଲ୍ କରିବା ସହିତ ବ୍ୟାପକ କ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ମଇ ୨୦୨୪ ବୁଧବାର

(ଫଟୋ:ସମ୍ବାଦ କଳିକା)

ଭୁବନେଶ୍ୱର: ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମାଷ୍ଟର କ୍ୟାଣ୍ଟିନ ଛକ ନିକଟସ୍ଥ ପ୍ରତିମୂର୍ତ୍ତି ନିକଟରେ ଓଡ଼ିଶା ପିସିସି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା

ସାଇ ହାୟର ସେକେଣ୍ଡାରୀ ସ୍କୁଲର ଐତିହାସିକ ସଫଳତା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ତକତପୁର ସ୍ଥିତ ସାଇ ହାୟର ସେକେଣ୍ଡାରୀ ସ୍କୁଲକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ର +୨ ବିଜ୍ଞାନ ପରୀକ୍ଷାରେ ବିଗତ ବର୍ଷ ମାନଙ୍କ ଭଳି ଏବର୍ଷ ମଧ୍ୟ ଅଭୂତପୂର୍ବ ସଫଳତା ମିଳିଛି । ମୋଟ ୧୭୯ ଜଣ ପରିକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୫୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହାକି ସମଗ୍ର ଓଡ଼ିଶାର ପ୍ରଥମ ଶ୍ରେଣୀ ଶତକଡ଼ା ଅନୁସାରେ ଏକ ରେକର୍ଡ ଅଟେ ଏବଂ ଶତକଡ଼ା ୧୦୦ ପରୀକ୍ଷାଫଳ ହୋଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ କୃତିତ୍ୱର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏକ ବିରଳ ସଫଳତା ଲାଭ କରିଛନ୍ତି । ଛାତ୍ର ଜୟତନୁ ଭଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ପାୟଲ ଦାସ ଦ୍ୱିତୀୟ ସ୍ଥାନ ଏବଂ ଛାତ୍ର ରୋହିତ ସାହୁ ତୃତୀୟ ସ୍ଥାନ ଅଧିକାର କରି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି । ବିଦ୍ୟାଳୟର ଶୈକ ପରିବେଶ ଏବଂ ଉଚ୍ଚକୋଟୀର ଶିକ୍ଷାଦାନ ପ୍ରଣାଳୀ ତତ୍ ସହିତ ଛାତ୍ରଛାତ୍ରୀ ମାନଙ୍କର କଠୋର ପରିଶ୍ରମ ଏବଂ ଅଭିଭାବକ ମାନଙ୍କର ସଦିଚ୍ଛା ଏବଂ ଅତୁଟ ବିଶ୍ୱାସକୁ ଶ୍ରେୟ ଦେଇଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଅମିୟ ଶଙ୍କର ସାହୁ ।

କପିଳେଶ୍ୱର ପୀଠରେ ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ କମିଟି ପକ୍ଷରୁ ପିନ୍ଧାଣି ସମ୍ପନ୍ନ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ବାବା ଶ୍ରୀ କପିଳେଶ୍ୱର ମହେଶଙ୍କ ପୀଠରେ ପବିତ୍ର କୃଷ୍ଣ ଚତୁର୍ଥୀ ଅବସରରେ ଆଗାମୀ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ବା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବାକୁଥିବା ପବିତ୍ର ନବମ ବର୍ଷିକୀ ଦେବଦମ୍ପତ୍ତି ବିବାହ ଓ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ବା ଶୀତଳଷଷ୍ଠୀ ଉପଲକ୍ଷେ ନରଣପୁର ଶିବବିବାହ ଓ ଶୀତଳ ଷଷ୍ଠୀ କମିଟି ଆନୁକୂଲ୍ୟରେ କନ୍ୟାପକ୍ଷ ତରଫରୁ ମୃଦଙ୍ଗ ଖୋଳ ତାଳ ଓ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ବିରାଟ ପଟୁଆରରେ ଆସି କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପିନ୍ଧାଣି ପର୍ବ ସମ୍ପନ୍ନ କରିଛନ୍ତି । ଏହି ଅବସରରେ ବାବା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ କୀର୍ତ୍ତନ ସହ ପୂଜାର୍ଚ୍ଚନା କରାଯାଇଛି । ସୋମବାର ସକାଳୁ କନ୍ୟାପକ୍ଷ କର୍ତ୍ତା ପ୍ରଶାନ୍ତ କୁମାର ପଣ୍ଡା ଓ ପତ୍ନୀ ବୈଜୟନ୍ତୀ ପଣ୍ଡା ସେମାନଙ୍କ ମଧ୍ୟସ୍ଥି ଓ ପରିଜନଙ୍କ ସହ ବାବା କପିଳେଶ୍ୱର ମହେଶ ପ୍ରାଙ୍ଗଣରେ ପହଞ୍ଚିବା ପରେ ବୈଦିକ ରୀତିରେ ପିନ୍ଧାଣି ଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା । ଶିବ ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ ଅବସରରେ ଦେବ ଦେବ ମହାଦେବଙ୍କ ମୁଣ୍ଡରେ ବିଭିନ୍ନ ଅଳଙ୍କାର ଓ ଆଭୂଷଣ ଲାଗି କରାଯାଇଥିଲା । ପିନ୍ଧାଣି ଉତ୍ସବ ପରେ ଅତିଥିମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଚଳିତ ବର୍ଷ ନବମ ବର୍ଷିକୀ ଦେବଦମ୍ପତ୍ତି ବିବାହ ମହା ଆଡମ୍ବର ସହକାରେ ଓ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ କରାଯିବାକୁ ନିଷ୍ପତ୍ତି ଓ ଶପଥ ପାଠ କରାଯାଇଥିଲା । ମଙ୍ଗଳବାର ବରପକ୍ଷ କର୍ତ୍ତା ଆମର ପ୍ରାସାଦ ଦେବତା ଓ ପତ୍ନୀ ସମ୍ମିତା ଦେବତାଙ୍କ ଘରକୁ ପାର୍ବତୀଙ୍କ ପରିବାର ପକ୍ଷରୁ ବରପକ୍ଷକୁ ନିମନ୍ତ୍ରିତ କରାଯିବ ବୋଲି ସୂଚନା ମିଳିଛି । ଏହି ପବିତ୍ର ଶୀତଳଷଷ୍ଠୀ ଓ ଶିବବିବାହ ନିର୍ବନ୍ଧ ଉପଲକ୍ଷେ ବହୁ ଗ୍ରାମବାସୀ ଓ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବାବା ଶ୍ରୀ କପିଳେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ବିଜୟ କୁମାର ମହାନ୍ତି ଓ ସମ୍ପାଦକ ଗୌର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଏହି ନିର୍ବନ୍ଧ ଉତ୍ସବ ମହ ଆଡମ୍ବର ସହକାରେ ସମ୍ପନ୍ନ ହୋଇଥିବା ବିଷୟରେ ସୂଚନା ପ୍ରଦାନ କରିଯାଇଛି ।

ଗାୟତ୍ରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି । କେନ୍ଦୁଝର ସ୍ଥିତ ଘରୋଇ ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନକୁ ଶତପ୍ରତିଶତ ସଫଳତା ମିଳିଛି । ମାଇନିଂରୋଡ ସ୍ଥିତ ଏହି ଘରୋଇ ଶିକ୍ଷାନୁଷ୍ଠାନରୁ ଚଳିତବର୍ଷ ମୋଟ ୨୩୪ ଜଣ ବିଜ୍ଞାନ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୭୭ ଜଣ ଓ ତୃତୀୟ ଶ୍ରେଣୀରେ ୩୦ ଜଣଙ୍କୁ ମିଶାଇ ଶତପ୍ରତିଶତ ହାରରେ ସମସ୍ତ ୨୩୪ ଜଣ ପରୀକ୍ଷାର୍ଥୀ ପାସ୍ କରିଥିବା ଅଧ୍ୟକ୍ଷ ତରୁଣ କୁମାର ଦାସ ଜଣାଇଛନ୍ତି । ଛାତ୍ରୀ ମୋନାଲିସା ମହାନ୍ତ ୮୯ ପ୍ରତିଶତ ହାରରେ ୫୩୪ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛନ୍ତି । ବିଜ୍ଞାନରେ ୧୫ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତ ନମ୍ବର ରଖିଛନ୍ତି । ଅନୁଷ୍ଠାନର ଏଭଳି ସଫଳତା ପାଇଁ ଚେୟାରମ୍ୟାନ ଇଂ ଉତ୍ତମ କୁମାର ପାଣିଗ୍ରାହୀ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ସାଧୁବାଦ ଜଣାଇବା ସହ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଅରବିନ୍ଦ ମହାପାତ୍ରଙ୍କୁ ଜିତାଇବାକୁ ଓକିଲ ସଂଘର ବୈଠକ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଜିତାଇବା ପାଇଁ ଓକିଲ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସରୋଜରାଜ ସିଂହ, ନିହାର ମହାପାତ୍ର, ଶରତ ସାହୁ, ଆଶୁତୋଷ ମହାନ୍ତି, ସଂଜୟ ପାତ୍ର, ମମତା ସାମଲ, ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମହାପାତ୍ରଙ୍କୁ ଜିତାଇବା ପାଇଁ ଆଲୋଚନା କରିଥିଲେ ।

ଜଗତସିଂହପୁର ବିଧାନସଭା ଆସନ ପାଇଁ ପୌରାଞ୍ଚଳ ସ୍ତରୀୟ କର୍ମୀ ସମ୍ମିଳନୀ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ନିର୍ବାଚନ ଆଉ ମାତ୍ର କେତେ ଦିନ ବାକିଥିବା ବେଳେ ଜଗତସିଂହପୁର ବିଧାନସଭା ନିମନ୍ତେ ବିଭିନ୍ନ ଦଳର ରାଜନୈତିକ ପ୍ରସ୍ତୁତି ଚାଲିଛି । ଜଗତସିଂହପୁର ବିଧାନସଭା ଆସନରେ ବିଜେଡ଼ି ଓ ବିଜେପି ମଧ୍ୟରେ ମୁକାବିଲା ପାଇଁ ଉଭୟନେତା ଓ କର୍ମୀମାନେ ପ୍ରସ୍ତୁତ ହେଉଥିବା ପ୍ରଚାର କାର୍ଯ୍ୟରୁ ଜଣାପଡିଛି । ଏଠାରେ ଦଳୀୟ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ପ୍ରଚାର ଦଳୀୟ କର୍ମୀମାନଙ୍କୁ ନେଇ ସଭାସମିତି ଜରିଆରେ ଉଦ୍ୟମ ଜାରି ରଖିଛନ୍ତି । ପ୍ରତ୍ୟେକ ଘରକୁ ଘର ବୁଲି ପୁରୁଖା କର୍ମୀ ଓ ନେତାଙ୍କୁ ଭେଟି ନିଜର

ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଦଳୀୟ ଆଦର୍ଶରେ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି । ପୌରପରିଷଦ ୧୮,୧୯,୨୦, ନମ୍ବର ୱାର୍ଡ ପକ୍ଷରୁ ଚର୍ଚ୍ଚିକା ବଜାର ସ୍ଥିତ ପଡିଆରେ ବିଜେଡ଼ି ପକ୍ଷରୁ କର୍ମୀସମ୍ମିଳନୀ ସହ ଡୋର ଟୁ ଡୋର ପ୍ରଚାର କାର୍ଯ୍ୟକ୍ରମକୁ ଜୋର୍‌ଦାର କରାଯାଇଛି । ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ସାଂସଦ ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲିକଙ୍କ ବିଜୟ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଗାଦିରେ ବସାଇବାକୁ ବିଧାୟକ ପ୍ରାର୍ଥୀ ଓ ଦଳୀୟ କର୍ମୀ ବରିଷ୍ଠ ନେତା ଯୁବ ଛାତ୍ର କର୍ମୀ ସଂକଳ୍ପ ନେଇଛନ୍ତି । ସେହିପରି ପଞ୍ଚାୟତରେ ବିଜେଡ଼ି କେମିତି ଅଧିକ ସଂଗଠିତ ହୋଇପାରିବ ଓ ପ୍ରାର୍ଥୀମାନେ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ସେନେଇ ମଧ୍ୟ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଓ ପୌରାଞ୍ଚଳ ୱାର୍ଡରେ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡିଛି । କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ପୂଜା ଗନ୍ତାୟତ, ଦେବୀ ଚୌଧୁରୀ, ବିଜେଡ଼ି ଉପସଭାପତି ଦୀପ୍ତି ଦାସ, ଡ଼ ସରୋଜ ଷଡ଼ଙ୍ଗୀ, ପ୍ରିୟବ୍ରତ ମହାପାତ୍ର, ଦିଲ୍ଲୀପ ସିଂ, ପାରିଷଦ ଦୀପ୍ତି ରଞ୍ଜନ ସାହୁ, ମଞ୍ଚ ପରିଚାଳନା କରିଥିଲେ । ନିକୁଞ୍ଜ କିଶୋର ବେହେରା, ଯୁବ ଛାତ୍ର ପ୍ରମୁଖ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରିବାକୁ ସମସ୍ତ ଭୋଟରଙ୍କ ସହଯୋଗ କାମନା କରିଥିଲେ । ଜଗତସିଂହପୁର ଆସନରୁ ଦ୍ୱିତୀୟ ଥର ଲାଗି ବିଧାୟକ ଭାବେ ବିଜୟ ନିଶ୍ଚୟ ବୋଲି ଦଳୀୟ ନେତୃବୃନ୍ଦ ମାନେ ଏକତ୍ରୀତ ହୋଇ କର୍ମୀ ସମ୍ମିଳନୀ, ରୋଡ଼ ଶୋ ସହ ପ୍ରଚାର କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ମାନଙ୍କୁ ଭୋଟ୍ ଭିକ୍ଷା କରିଥିଲେ ।

।।।।।।।।। ବିଦ୍ୟୁତ୍ ଚାଳିତ ସ୍କୁଟର ଖର୍ଦ୍ଦି ଆଳରେ ସାଇବର ଠକେଇ ।।।।।।।।।

ସାଇବର କ୍ରାଇମ୍ ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଛି

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ରାୟଗଡା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଗୁରୁପ୍ରସାଦ ସାହୁଙ୍କ ପୁଅ ଓଲା ଇଲେଟ୍ରିକ୍ ସ୍କୁଟର ଅନ୍‌ଲାଇନ୍ ମାଧ୍ୟମରେ ବୁକିଙ୍ଗ କରି ସାଇବର ଠକେଇର ଶିକାର ହୋଇଛନ୍ତି । ପ୍ରକାଶ ଥାଉକି ଓଲା କମ୍ପାନୀର ସମସ୍ତ ଜିଏସ୍‌ଟି ବିଲ୍ ଓଲା ଆପ୍ ହ୍ୱାଟ୍ସଆପ୍ ମାଧ୍ୟମରେ ଆସିଥିଲା । ପ୍ରତିନିଧିଙ୍କ ପୁଅକୁ ଫୋନ୍ ଆସିଲା ଓଲା କମ୍ପାନୀର ନମ୍ବର ୮୧୦୦୫୬୯୯୩୭ ମୋବାଇଲରେ ବି ଓଲା କମ୍ପାନୀ ଟୁ କଲରରେ ଆସିଥିବା ଦେଖି ଓ ଫୋନ୍ କରୁଥିବା ବ୍ୟକ୍ତିଙ୍କ କହିବା ପ୍ରକାରେ ପ୍ରଥମ କିସ୍ତି ଗାଡି ବୁକିଙ୍ଗ ପାଇଁ ୯୯୯ ଟଙ୍କା ଦେବା ପାଇଁ କହି ଏକ ୟୁପିଆଇ ଆଇଡି ହ୍ୱାଟ୍ସଆପ୍‌ରେ ପଠାଇଥିଲା । ସେହି ହ୍ୱାଟ୍ସଆପ୍‌ରେ ପୁଣି ସେହି ନମ୍ବର ୮୧୦୦୫୬୯୯୩୭ରୁ କଲ୍ ଆସିଥିଲା ଓ ସେ ବ୍ୟକ୍ତି ୨୦୦୦୦ ହଜାର ଟଙ୍କା ଗାଡିର ପ୍ରଥମ କିସ୍ତି ଡାଉନ୍ ପେମେଣ୍ଟ ଡିପୋଜିଟ୍ ଦେବା ପାଇଁ କହିଥିଲା ଓ ବଳକା ଟଙ୍କା ଆପଣଙ୍କ ଗାଡିର ଫାନାନ୍ସ ହୋଇଯିବ କହି ପୁଣି ସେହି ୟୁପିଆଇ ଆଇଡିରେ ନେବା ପରେ ପୁଣି ସେ କିଛି ସମୟ ପରେ ପୁଣି କଲ୍ କରି କହିଲା, ଆପଣଙ୍କ, ଟ୍ରାନ୍ସଫର ଓ ଆରଟିଓ କ୍ଲିୟରାନ୍ସ ପାଇଁ ଆପଣଙ୍କୁ ୨୮୬୦୦ ଟଙ୍କା ଜମା କାରିବାକୁ ଓ ଏହି ଜମା ରାଶି ୨୮୬୦୦ ଟଙ୍କା ଆପଣଙ୍କ ଆକାଉଣ୍ଟକୁ ୨୦ ମିନିଟ ପରେ ପୁଣି ଫେରି ଆସିଯିବ ବୋଲି ଏକ ଓଲା ଜିଏସ୍‌ଟି ବିଲ୍ ମଧ୍ୟ ପଠାଇଥିଲା । ସେ କହିବା ପରେ ଏକ ଘଣ୍ଟା ପର୍ଯ୍ୟନ୍ତ ଟଙ୍କା ନ ଫେରିବା ପରେ ପୁଣି ସେହି ନମ୍ବରରେ କଲ୍ କରିବାରୁ ସେ କହିଲା ଆପଣଙ୍କ ଫାଇନାନ୍ସ ହୋଇପାରିବନାହିଁ । ତେଣୁ ଗାଡିର ବଳକା ଟଙ୍କା ପଠାଇବା ପରେ ଆପଣଙ୍କ ଗାଡି କମ୍ପାନୀରୁ ବାହାରିବ, ସେତେବେଳେ ଏହା ଏକ ଠକ ସଂସ୍ଥାର ଶିକାର ହୋଇଥିବା ଜାଣିବା ପରେ ତୁରନ୍ତ ସାଇବର କ୍ରାଇମ୍ ନମ୍ବର ୧୯୩୦କୁ ଫୋନ୍ କରି ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ଦେଇ ଏକ କେସ୍ ରୁଜୁ କରିଥିଲେ । କେସ୍ ନମ୍ବର ୩୨୪୦୫୨୪୦୦୧୪୦୦୭ କରାଯିବା ସହ ଶିକାର ହୋଇଥିବା ବ୍ୟକ୍ତି ନିଜ ବ୍ୟାଙ୍କ ଯେଉଁ ଆକଉଣ୍ଟରୁ ଟଙ୍କା ପଠାଇ ଥିଲେ ଓ କେଉଁ ଆକଉଣ୍ଟକୁ ଟଙ୍କା ଯାଇଛି ତାହାର ସମସ୍ତ ତଥ୍ୟ ନିଜ ବ୍ୟାଙ୍କରୁ ତୁରନ୍ତ ସେହିଦିନ ବାହାର କରି ସାଇବର କ୍ରାଇମ ନମ୍ବରରେ ହ୍ୱାଟ୍ସଆପ୍‌ରେ ସମସ୍ତ ତଥ୍ୟ ପଠାଇବା ପରେ ବି ସାଇବର କ୍ରାଇମ୍ କିଛି ବି ଦୃଢ଼ ପଦକ୍ଷେପ ନନେଇ ହାତ ବାନ୍ଧି ବସିଥିବା ଦେଖିବାକୁ ମିଳିଛି । ଯେଉଁ ଆକଉଣ୍ଟରେ ଟଙ୍କା ଯାଇଛି ଓ ସମସ୍ତ ଟଙ୍କା ଗୋଟିଏ ଆକଉଣ୍ଟରେ ଯାଇଛି, ସେହି ବ୍ୟକ୍ତିଙ୍କ ସମସ୍ତ ଠିକଣା, ଫୋନ୍ ନମ୍ବର ଓ ସେ ବ୍ୟକ୍ତିଙ୍କ କେଉଁ ବ୍ୟାଙ୍କରେ ଆକଉଣ୍ଟ ଅଛି ତାହାର ବି ସମ୍ପୂର୍ଣ୍ଣ ତଥ୍ୟ ସାଇବର କ୍ରାଇମକୁ ମିଳିଲେ ମଧ୍ୟ କିଛି ବି କାର୍ଯ୍ୟାନୁଷ୍ଠାନ ନକରିବା ଦ୍ୱାରା ଜନସାଧାରଣ ସାଇବର କ୍ରାଇମ୍‌କୁ ଯଉଁ ବିଶ୍ୱାସ ଓ ଭରସା କରିଆସୁଥିଲେ ତାହା ତାଙ୍କ ଉପରୁ ଉଠିଯାଉଛି । ଠକେଇର ଶିକାର ହୋଇଥିବା ବ୍ୟକ୍ତି ସାଇବର କ୍ରାଇମ୍ ସହ ଫୋନ୍ ଯୋଗେ ଯାଞ୍ଚ କାର୍ଯ୍ୟ କେତେ ଦୂର ଗଲା ବୋଲି ଆଜକୁ ୭ ଦିନ ହେବ ପଚାରି ପଚାରି ଶେଷରେ ସାଇବର କ୍ରାଇମ୍ ଯାଞ୍ଚ ତ କରିବା ଦୂର କଥା, ସେ କହୁଛନ୍ତି, ତମେ ପଠାଇଥିବା ଟଙ୍କା ସେ ବ୍ୟକ୍ତି ବାହାର କରିଦେଇଛି, ତେଣୁ ଆପଣ ନିଜ ଲୋକାଲ ଥାନାରେ କେସ୍ କରନ୍ତୁ, ଲୋକାଲ ଥାନାକୁ ଯାଇ କେସ୍ କରିବା ପାଇଁ ଥାନା ଅଧିକାରୀଙ୍କୁ ଭେଟି ସମସ୍ତ ବିଷୟ କହିବା ପରେ ଥାନା ଅଧିକାରୀ ସିଧା ସିଧା କହିଦେଲେ କେସ୍ କଲେ କିଛି ବି ଫଳପ୍ରଦ ହେବନାହିଁ କହି ଏପରି ଘଟଣା ଜନିତ କିଛି କାହାଣୀ ଶୁଣାଇ ଫେରସ୍ତ କରିଦେଇଥିଲେ । ଦୀର୍ଘ ୭ଦିନ ପରେ ସାଇବର କ୍ରାଇମ୍ ଯାହାକହିଲା ଠକେଇର ଶିକାର ହୋଇଥିବା ବ୍ୟକ୍ତି ସେହିଦିନ ହିଁ ସେ ବ୍ୟାଙ୍କ ମାଧ୍ୟମରୁ ଜାଣିପାରିଥିଲେ ତ ସାଇବର କ୍ରାଇମ ଆଉ କଣଗୋ ଅଧିକ କଲା, ଏହି ଘଟଣାରୁ ଜଣାପଡୁଛି ସାଇବର କ୍ରାଇମ ଏକ ପ୍ରହସନ । ଘଟଣାର ଯାଞ୍ଚ ଠିକ୍ ରୂପେ କରିବା ଓ ଠକେଇ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ନ୍ୟାୟ ମିଳିବା ପାଇଁ ବୁଦ୍ଧିଜୀବୀ ମହଲରେ ଜୋର୍ ଧରିଛି । ନ୍ୟାୟ ଦେବାରେ ସାଇବାର କ୍ରାଇମ୍ ପୋଲିସ କେତେ ଦୂର ସଫଳତା ହାସଲ କରିପାରିବ ତାହା ସମୟ ହିଁ କହିବ ।

ଧର୍ମଶାଳାରେ ବିଜେଡ଼ିର ମିଶ୍ରଣ ପର୍ବ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବଡକାଏମା, ରାଇଛନ୍ଦା ଏବଂ କଲଣ ଗ୍ରାମ ପଞ୍ଚାତର ବିଜେପି ଓ କଂଗ୍ରେସ କର୍ମୀମାନେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସନ୍ଧ୍ୟା ସମୟରେ ଧର୍ମଶାଳାର ବିଜୁ ଜନତା କାର୍ଯ୍ୟାଳୟ ଠାରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଧର୍ମଶାଳା ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, କ୍ଷିତୀଶ ନାୟକ, ରାଇଛନ୍ଦା ପଞ୍ଚାୟତର ସଭାପତି ରବିନ୍ଦ୍ର କୁମାର ସାହୁ, ଯୁବ ସଭାପତି ସୁବାଷ ସାମଲ, ବଡକାଏମା ପଞ୍ଚାୟତ ସଭାପତି ବ୍ରହ୍ମାନନ୍ଦ ରାଉତ, ପୂର୍ବତନ ସରପଞ୍ଚ ଅକ୍ରୁର ଚରଣ ନାୟକ, ବଟକୃଷ୍ଣ ରାଉତ, ଅରୁପ ନାରାୟଣ ପ୍ରସାଦ, ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଏହି ମିଶ୍ରଣ ପର୍ବରେ ରାଇଛନ୍ଦା ପଞ୍ଚାୟତର ଚନ୍ଦ୍ରମଣୀ ସାହୁ, ଚାନ୍ଦ ମଳିକ, ଦୀପକ ମଳିକ, କାବୁଲା ମଳିକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିବା ବେଳେ ବଡକାଏମା ପଞ୍ଚାୟତର କାଳନ୍ଦି ମଳିକ, ଦିଲୀପ ମଳିକ, ସତ୍ୟ ମଳିକ, ରାକେଶ ମଳିକ, ସତ୍ୟଜିତ୍ ମଳିକଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଏବଂ ରାଧାନଗର ଗ୍ରାମର ରବିନ୍ଦ୍ର ସାମଲ, ଶ୍ରୀଧର ସାହୁ, ଅଜିତ୍ ସାହୁ, ମାନସ ବେହେରା, ପ୍ରକାଶ କୁମାର ନାୟକ, ମିଲନ ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିବା ବେଳେ କଲଣ ପଞ୍ଚାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ମଇ ୨୦୨୪ ବୁଧବାର

ଭୁବନେଶ୍ୱର: ରାଜଧାନୀର ରାଜରାସ୍ତା ପାର୍ଶ୍ୱରେ ଲିଚୁର ପସରା ମେଲିଛି ଜଣେ ବ୍ୟବସାୟୀ **(ଫଟୋ:ସମ୍ବାଦ କଳିକା)**

+୨ ପରୀକ୍ଷାରେ କେନ୍ଦୁଝରରେ ବିଜ୍ଞାନରେ ୭୯.୫୪%, ବାଣିଜ୍ୟରେ ୮୩.୦୪%, କଳାରେ ୭୮.୦୩% ଉତ୍ତୀର୍ଣ୍ଣ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ +୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ରବିବାର ଦିନ ପ୍ରକାଶ ପାଇଛି । ଏଥିରେ କେନ୍ଦୁଝର ଜିଲ୍ଲାର ବିଜ୍ଞାନ ସଫଳତା ହାର ୭୯.୫୪%, ବାଣିଜ୍ୟରେ ୮୩.୦୪% ଓ କଳାରେ ୭୮.୦୩% କୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାର +୨ ବିଜ୍ଞାନ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୩୭୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୯୫୬ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ୯୭୦ ଜଣ ଛାତ୍ରଛାତ୍ରୀ ୨ୟ ଶ୍ରେଣୀ,୧୦୩୭ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୨୦ ଜଣ କମ୍ପାର୍ଟମେଣ୍ଟାଲ ମାର୍କ ରଖିଥିବା ଜଣାପଡିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ କମ୍ପାର୍ଟମେଣ୍ଟାଲ ମିଶାଇ କେନ୍ଦୁଝର ଜିଲ୍ଲାର ମୋଟ ୨୯୮୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି । ଏଥିସହ ୧୩ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କପି କରି ଧରାପଡିଥିବା କାରଣରୁ ସେମାନଙ୍କ ପରୀକ୍ଷା ଫଳକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ସେହିପରି ଚଳିତ ବର୍ଷର ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୧୫୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୫୧ ଜଣ ୨ୟ ଶ୍ରେଣୀରେ, ୪୯୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୧୨ ଜଣ କମ୍ପାର୍ଟମେଣ୍ଟାଲ ମାର୍କ ରଖିଛନ୍ତି ଏବଂ ଜଣେ ଏମ୍‌ପି ହୋଇଥିବା ଜଣାପଡିଛି । ମୋଟ୍ ପାସ୍ ହାର ୮୩.୦୪% ରହିଥିବାବେଳେ ବାଣିଜ୍ୟରେ ଜିଲ୍ଲାରୁ ମୋଟ ୮୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଅନ୍ୟପକ୍ଷରେ ଯୁକ୍ତ ୨ କଳାରେ ୯୦୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୬୭୬ ଜଣ ପ୍ରଥମ ଶ୍ରେଣୀରେ,୯୧୦ ଜଣ ଦ୍ୱିତୀୟ ଶ୍ରେଣୀରେ, ୫୪୪୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୮ ଜଣ କମ୍ପାର୍ଟମେଣ୍ଟାଲ ମାର୍କ ରଖିଛନ୍ତି ଏବଂ ୩ ଜଣ ଏମ୍‌ପି ହୋଇଥିବା ଜଣାପଡିଛି । କଳାରେ ମୋଟ ପାସ୍ ହାର ୭୮.୦୩% ରହିଥିବାବେଳେ ୭୦୪୩ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଭୋକେସନାଲରେ ୩୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୯ ଜଣ ପ୍ରଥମ ଶ୍ରେଣୀରେ,୧୮୨ ଜଣ ଦ୍ୱିତୀୟ ଶ୍ରେଣୀରେ, ୭୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ଏଥିରେ ମୋଟ୍ ପାସ୍ ହାର ୭୯.୬୫% ରହିଥିବାବେଳେ ୨୭୪ ଜଣ କୃତକାର୍ଯ୍ୟ ହୋଇଥିବା +୨ ଆଞ୍ଚଳିକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

ବିଜେଡ଼ିର ବାଇକ୍ ରାଲି ଉପରେ ମାଡ଼ିଗଲା ସ୍କୋର୍ପିଓ:୫ ଆହତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ଅନ୍ତର୍ଗତ ପାଖରପଞ୍ଚାୟତ ଓଷରା ନିକଟରେ ବିଜେଡ଼ି ବାଇକ୍ ରାଲି ଯାଉଥିବା ବେଳେ ଘଟିଛି ଅଘଟଣ । ଯାହାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ଅନୁଯାୟୀ ଅପରାହ୍ନରେ ବିଜେଡ଼ି ବାଇକ୍ ରାଲି ଯାଉଥିବା ବେଳେ ପାଖରର ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ବେହେରା ତାଙ୍କ ସ୍କୋର୍ପିଓରେ ଦ୍ରୁତଗତିରେ ଆସୁଥିଲେ। ରାଲି ଉପରେ ତାଙ୍କ ସ୍କୋର୍ପିଓ ମାଡ଼ି ଆସିଥିଲା । ଫଳରେ ସ୍କୋର୍ପିଓ ତଳେ ଏକ ବାଇକ୍ ଲାଗି ରହିଯାଇଥିଲା । ୪ଟି ବାଇକ୍ ଭାଙ୍ଗିଯାଇଛି । ଘଟଣା ସ୍ଥଳରେ ୫ ଜଣ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତରଙ୍କୁ କଟକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ପରେ ଦିଲ୍ଲୀପ ନିଜ ଗାଡ଼ି ଛାଡ଼ି ଦୌଡି ପଳାଇଥିଲେ । ଉକ୍ତ କର୍ମୀମାନେ ଦିଲ୍ଲୀପଙ୍କ ମାର୍କେଟ କମ୍ପ୍ଲେକ୍ସରେ ଥିବା ହାଇୱା ଗାଡ଼ିର କାଚ ବାଡେଇ ଭାଙ୍ଗିଦେଇଛନ୍ତି । ଖବରପାଇ ଘଟଣାସ୍ଥଳରେ ଯାଜପୁର ଏସ୍‌ପି ଭିନିତ୍ ଅଗ୍ରୱାଲ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି । ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଓ ବଡଚଣା ଥାନା ଅଧିକାରୀ ଶ୍ରୀ ପାତ୍ର ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି ।

ପାଟପୁରରେ ଠାକୁରାଣୀ ଯାତ୍ରା:ବିରାଟ ପଟୁଆରରେ ମାଁ ଠାକୁରାଣୀଙ୍କ ନଗର ପରିକ୍ରମା

ସାନଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମରେ ଶନିବାର ଠାରୁ ସାତଦିନ ବ୍ୟାପୀ ହେଉଥିବା ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ଶ୍ରୀ ମାଁ ବୁଢ଼ୀ ଠାକୁରାଣୀ ଗ୍ରାମଦେବତୀଙ୍କ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ସେବାୟତଙ୍କ ଦ୍ୱାରା ସକାଳୁ ଅସ୍ଥାୟୀ ମଣ୍ଡପରେ ମାଁଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିସହ ସନ୍ଧ୍ୟାରେ ବିରାଟ ପଟୁଆର ସହକାରେ ମାଁଙ୍କ ଘଟ ପରିକ୍ରମା ଆୟୋଜିତ ହୋଇଥିଲା । ମାଁଙ୍କ ଯାତ୍ରା ପୀଠ ଜନ ସମାଗମ ଦେଖିବାକୁ ମିଳିଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ହୁଳହୁଳି ନାଦରେ ସମଗ୍ର ପାଟପୁର ଗ୍ରାମ ପ୍ରକମ୍ପିତ ହେଉଥିଲା । ମାଁଙ୍କ ଯାତ୍ରାକୁ ନେଇ ଗ୍ରାମବାସୀ ଓ ଆଖପାଖ ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ ମାଁଙ୍କ ଦର୍ଶନ ଏବଂ ଭିଡ଼କୁ ନିୟନ୍ତ୍ରିତ କରିବା ନିମନ୍ତେ ଯାତ୍ରା

କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ଯୋଗୁଁ ସ୍ୱେଚ୍ଛା ସେବୀ ଗ୍ରାମ୍ୟ କମିଟି ପାଣି, ସର୍ବତ ହାଲୁଆ ବଣ୍ଟନ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଦିନରେ ମାଁ ଗାନ୍ଧୀଛକ ମହା ଆଡମ୍ବରରେ ପଟୁଆରରେ ସାହି ସାହି ପରିକ୍ରମା କରିଥିବା ବେଳେ ଦ୍ୱିତୀୟ ଦିନରେ ମାଁଙ୍କ ପୀଠରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୁରୋହିତ ଚନ୍ଦନ ଶତପଥୀଙ୍କ ପୂଜାର୍ଚ୍ଚନାରେ କର୍ତ୍ତା ରୂପେ ପଦ୍ମଲୋଚନ ପାଣିଗ୍ରାହୀ ଓ ପ୍ରଭାସିନୀ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ । ଏହାପରେ ମାଁ ସମଗ୍ର ଗ୍ରାମ ନଗର ପରିକ୍ରମା କରିଥିଲେ । ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରାମାୟଣ, ମହାଭାରତ, ମେଲୋଡି, ପ୍ରହଲ୍ଲାଦ ନାଟକ, ଭାରତାଲିଳା, ବିଭିନ୍ନ ନାଚ ଗୀତ ସାଙ୍ଗକୁ ମିନା ବଜାର ଓ କଳାକୁଞ୍ଜ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ବେଶ୍ ଆନନ୍ଦିତ କରୁଥିବା ବେଳେ ଢେଙ୍କାନାଳର ଶିଙ୍ଗ ବାଜା ଓ ସମ୍ବଲପୁରୀ ଦୁଲଦୁଲି ବାଦ୍ୟ, ଯୋଡ଼ିଶଙ୍ଖ, ମହୁରୀ ବେଶ୍ ଆକର୍ଷଣ ରହିଥିଲା । ଯାତ୍ରା ପରିଚାଳନା ଉପଦେଷ୍ଟା କୈଳାସ ଚନ୍ଦ୍ର ସ୍ୱାଇଁ, ବାଳକୃଷ୍ଣ ଚୌଧୁରୀ, ଶଙ୍କର୍ଷଣ ସ୍ୱାଇଁ, ମୁକୁନ୍ଦି ବରାଡ, ଶୁକଦେବ ସ୍ୱାଇଁ, ଯାତ୍ରା ସଭାପତି ଟି.ବାବୁ ସୁବୁଦ୍ଧି, ଉପସଭାପତି ଦିବାକର ପାତ୍ରୀ, ସମ୍ପାଦକ ରଞ୍ଜନ କୁମାର ଖୁଣ୍ଟିଆ, ସହ ସମ୍ପାଦକ ଅରୁଣ କୁମାର ଖୁଣ୍ଟିଆ, କୋଷାଧକ୍ଷ ରଘୁନାଥ ବେହେରା, ଉପଦେଷ୍ଟା କୈଳାସ ଚନ୍ଦ୍ର ସ୍ୱାଇଁ, ବାଳକୃଷ୍ଣ ଚୌଧୁରୀ ସମେତ କମିଟି ବୃନ୍ଦ ସମସ୍ତ ଗ୍ରାମବାସୀ ସହଯୋଗରେ ଯାତ୍ରା ପରିଚାଳିତ ହେଉଥିବା ବେଳେ ଯାତ୍ରାରେ ଭିଡ଼ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପୋଲିସର ବନ୍ଦୋବସ୍ତ କରାଯାଇଛି । ତେବେ ଆସନ୍ତା ଜୁନ୍ ୨ ପ୍ରାତଃ ମାଁ ପ୍ରତ୍ୟାଗମନ କରିବେ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି ।

ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣ ମାଟିର ସୁନା ପୁଅ ଓଡ଼ିଶା ଓ କଲିକତାର ଅବସର ପ୍ରାପ୍ତ ନ୍ୟାୟ ମୂର୍ତ୍ତୀ ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶଙ୍କ ଅବସର ପରେ ସନ୍ଧ୍ୟାରେ ସୋନପୁର ସହରକୁ ପହଞ୍ଚିଥିଲେ । ପ୍ରଥମେ ସହରର ନଳିନୀ ଛକ ଠାରେ ଶ୍ରୀ ଦାଶଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସ୍ୱାଗତ କରାଗଲା । ସେଠାରୁ ସହରବାସୀଙ୍କ ସହିତ ପଦଯାତ୍ରା କରି ଇଷ୍ଟଦେବୀ ମା' ସୁରେଶ୍ୱରୀ ମନ୍ଦିରକୁ ପହଞ୍ଚି ଶ୍ରୀ ଦାଶ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ପରେ ଏକ ସ୍ୱାଗତ ସଭାରେ ଶ୍ରୀ ଦାଶ ତାଙ୍କ ଚାକିରୀ କାର୍ଯ୍ୟକାଳ ମଧ୍ୟରେ ସୁରେଶ୍ୱରୀ ମାଆଙ୍କ ପୀଠ ସମେତ ସୁବର୍ଣ୍ଣପୁର ଜିଲ୍ଲାର ଦ୍ରୁତ ବିକାଶ ଲାଗି ଶାସକ ପ୍ରଶାସକ ମାନଙ୍କ ମଧ୍ୟରେ ସବୁବେଳେ ବୁଝାମଣା ଜାରି ରଖି ଆସୁଥିଲେ ବୋଲି ଆଇନଜୀବୀ ପ୍ରଦୀପ ପୁରୋହିତ ସ୍ୱାଗତ ଭାଷଣରେ କହିଥିଲେ । ମା' ସୁରେଶ୍ୱରୀ ଏଭଳି ଏକ ଭଲ ମଣିଷ ସୋନପୁରର ଗୌରବ ଶ୍ରୀ ଦାଶଙ୍କୁ ଆହୁରି ଭଲ କାମରେ ଆଗକୁ ବଢ଼ିବାରେ ସବୁବେଳେ ଶକ୍ତି ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ମତ ରଖିଥିଲେ ଏବଂ ଅବସର ପରେ ମା'ଙ୍କ ପୀଠ ଓ ଜିଲ୍ଲାର ବିକାଶ ଦିଗରେ ସମର୍ପିତ ଭାବେ ସେବା କରିବି ବୋଲି ଶ୍ରୀ ଦାଶ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏ ମାଟିର ଗୌରବ ଶ୍ରୀ ଦାଶଙ୍କୁ ଆଜି ସ୍ୱଚ୍ଛ ଭାରତ, ବରିଷ୍ଠ ନାଗରିକ ସଂଗଠନ, ସୁରେଶ୍ୱରୀ ମନ୍ଦିର ପୂଜକ ସଂଘ, ମାଆଙ୍କ ଯଜ୍ଞ କମିଟି ଓ ଦେବୋତ୍ତର କମିଟି, ଚନ୍ଦ୍ରଶେଖର ପାଠାଗାର, ସହରର ଅନେକ ସଙ୍ଗଠନ ପକ୍ଷରୁ ସନ୍ଧ୍ୟାରେ ନଳିନୀ ଛକ ଠାରୁ ଭବ୍ୟ ସ୍ୱାଗତ କରି ମା' ସୁରେଶ୍ୱରୀଙ୍କ ମନ୍ଦିର ଯାଏ ପାଛୋଟି ଆଣିଥିଲେ । ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ବୈକୁଣ୍ଠ ଶତପଥୀ, ଇନ୍ଦୁ ମତି ପୁରୋହିତ, ପ୍ରମୋଦ କୁମାର ସାହୁ, ସମାଜସେବୀ ସତ୍ୟ ନାରାୟଣ ତ୍ରିପାଠୀ, ଦିଲ୍ଲୀପ ଭୁକ୍ତା, ମନୋଜ ପଣ୍ଡା, ମନୋରଞ୍ଜନ ତ୍ରୀପାଠୀ, ଲଡୁ କିଶୋର ମଲ୍ଲିକ, ପ୍ରଫୁଲ୍ଲ ନାଏକ, ଗୋକୁଳ ଠାକୁର, ପୂଜକ କାଳୀପ୍ରାସାଦ ମିଶ୍ର, ଶେଷଦେବ ମେହେର, ସଞ୍ଜୟ ସାହୁ ପ୍ରମୁଖ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବିଜେଡ଼ିର ରୋଡ଼ ଶୋ'

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡରେ ବିଜେଡିର ରୋଡ ଶୋ କାର୍ଯ୍ୟକ୍ରମ କାଉନ୍‌ସିଲର ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାହାରି ୱାର୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଚେୟାରମ୍ୟାନ ସରିତା ସାହୁ, ଯଜାତି ମହାନ୍ତି, ସ୍ନେହପ୍ରଭା ତ୍ରିପାଠୀ, ରାଜେଶ ମହାନ୍ତି, ବାସୁଦେବ ପାଣି ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟର ମାନଙ୍କୁ ଜଣାଇବା ସହ ଯୋଡ଼ି ଶଙ୍ଖରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ହାତିବନ୍ଧୁ ସିଂହ, ପ୍ରଶାନ୍ତ ନାୟକ, ଶଶିକାନ୍ତ ବଳ, ମୁକ୍ତାର ଖାନ, ମିର୍ ମୁରସିଦ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଭାଲୁ ଆକ୍ରମଣରେ ମହିଳା ଆହତ

ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ହାତୀଗାଁ ପଞ୍ଚାୟତର ପହିଲିପାରା ଗ୍ରାମଠାରେ କେନ୍ଦୁପତ୍ର ତୋଳିବାକୁ ଯାଇ ଜଣେ ମହିଳା ଭାଲୁ ଆକ୍ରମଣର ଶୀକାର ହୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ହାତୀଗାଁ ଗ୍ରାମ ପଞ୍ଚାୟତର ପହିଲିପାରା ଗ୍ରାମର ସୁକୁବାଇ ଗଣ୍ଡ ପ୍ରାୟ ୧୧ଟା ସମୟରେ ୪ ଜଣ ମହିଳା ସାଥୀଙ୍କ ସହିତ ନିକଟସ୍ଥ ଜଙ୍ଗଲରେ କେନ୍ଦୁପତ୍ର ତୋଳିବା ସମୟରେ ଏକ ଭାଲୁ ସେମାନଙ୍କ ଉପରେ ଆକ୍ରମଣ କରିଥିଲା । ସୁକୁବାଇଙ୍କୁ ଆକ୍ରମଣ କରିବା ସମୟରେ ଅନ୍ୟମାନେ କିଛି ଦୂରରେ ରହିଥିଲେ । ସୁକୁବାଇ ଚିତ୍କାର ଶୁଣି ସାଥୀ ମହିଳାମାନେ ତାଙ୍କ ନିକଟକୁ ପହଞ୍ଚିବା ଫଳରେ ଭାଲୁ ସେଠାରୁ ପଳାଇଥିଲା । ସୁକୁବାଇଙ୍କ ହାତ ଓ କାନ୍ଧରେ ଭାଲୁ ରାମ୍ପି ଦେଇଥିବା ବେଳେ ତାଙ୍କୁ ଆହତ ଅବସ୍ଥାରେ ହାଟଭରଣ୍ଡି ମେଡିକାଲକୁ ନେଇ ଯାଇଥିଲେ । ବର୍ତ୍ତମାନ ସେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

ବାଧକ ସାଜିଲାନି ଗରିବ ଚାଷୀ:ଇଚ୍ଛା ଶକ୍ତି ଦେଲା ଅଦମ୍ୟ ସାହସ

ରମ୍ପା, ନ୍ୟୁଜ୍ ବ୍ୟୁରୋ

ଉତ୍ସାହ ଉଦ୍ଦୀପନା ସହ ଅଦମ୍ୟ ସାହାସ ଓ ଇଚ୍ଛା ଶକ୍ତି ଆଗରେ ଗରିବ ତୁଚ୍ଛ । ନିଜର ବୁଦ୍ଧିମତା ମନ ବଳକୁ ଦୃଢ଼ କରି ଲକ୍ଷ୍ୟ ପଥରେ ଆଗେଇ ଗଲେ ସବୁ ପରିସ୍ଥିତିକୁ ସାମ୍ନା କରିହୁଏ । ବାସ୍ତବରେ ଏଭଳି କିଛି ଲକ୍ଷ୍ୟ ନେଇ ନିଜ ଦୁଃଖ ଓ ଗରିବ ଚାଷୀ ଭାବି ପଛରେ ପକାଇ ଆଗକୁ ଚାଲିବା କଷ୍ଟକର ହେଲେ ଏଭଳି କିଛି କଣ୍ଟକିତ ପଥରେ ଅଗ୍ରସର ହୋଇ ସଫଳତା ପାଇଥିବା ଛାତ୍ରୀ ହେଉଛନ୍ତି ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ଗ୍ରାମର ଗରିବ ଚାଷୀଙ୍କ ଝିଅ ଆର ପ୍ରଭାସିନୀ ପାତ୍ର । ବିଭିନ୍ନ ସମୟରେ ପରିବାର ଆର୍ଥିକ ଅବସ୍ଥା ଦୁର୍ବଳ ରହିଥିଲେ ମଧ୍ୟ ସ୍ୱଳ୍ପ ରୋଜଗାରରେ ଛାତ୍ରୀ ଶିକ୍ଷାଲାଭ କରି ନିଜର ପରାକ୍ରମ ଦେଖାଇଛନ୍ତି । ବାପା ଆର ତ୍ରିନାଥ ପାତ୍ର, ମାତା ଆର ନନ୍ଦିନୀ ପାତ୍ର, ଗ୍ରାମ ସାନମଚନ୍ଦ୍ରପୁର ହୋଇଥିଲେ ମଧ୍ୟ ସ୍ୱଳ୍ପ ରୋଜଗାର ଉତ୍ପାଦିତ ଅମଳ ଚାଷ ଜମିରୁ ଯାହା ମିଳେ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗର ବ୍ରହ୍ମପୁରରେ ଅଧ୍ୟୟନ କରି ମୋଟ ୬୦୦ ମାର୍କରୁ ୫୫୨ ରଖି ୯୨% ତଥା ଗ୍ରେଡ଼ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ମତଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜୁନ୍ ୧ ତାରିଖରେ ଜଗତସଂହପୁର ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଭୋଟ୍ ଗ୍ରହଣ କରାଯିବ । ଏଥିପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଭୋଟ୍ ଗ୍ରହଣ ଦିନ ମତଦାନକୁ ସୁଗମ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମତଦାତା ମାର୍ଗଦର୍ଶିକା ଅନୁଯାୟୀ କିଛି ନିୟମାବଳୀ ଜାରି କରିଛି । ଯେପରିକି ମତଦାନ ଦିନ ମତଦାତା ମାନେ ବୁଥ୍‌କୁ ୧୩ ଗୋଟି ଅନୁମୋଦିତ ଦସ୍ତାବିଜ ମଧ୍ୟରୁ ଯେ କୌଣସି ଗୋଟିଏ ନେଇ ଆସିବା ବାଧ୍ୟତାମୂଳକ ସେଗୁଡିକ ହେଲା ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଦିବ୍ୟାଙ୍ଗ ପରିଚୟ ପତ୍ର, ଫଟୋ ସଂଲଗ୍ନ ଥିବା ଚାକିରି କ୍ଷେତ୍ରର ପରିଚୟ, ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ବା ପୋଷ୍ଟ ଅଫିସର ପାସ୍ ବୁକ୍, ଶ୍ରମ ମନ୍ତ୍ରଣାଳୟ ଯୋଜନା ଅଧୀନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ, ପାସ୍‌ପୋର୍ଟ, ଅନ୍ତର୍ଗତ ଦ୍ୱାରା ପ୍ରଦତ୍ତ ସ୍ମାର୍ଟକାର୍ଡ, ଫଟୋ ସଂଲଗ୍ନ ପେନ୍‌ସନ୍ ବହି/ଦସ୍ତାବିଜ୍, ସାଂସଦ, ବିଧାୟକ, ବିଧାନସଭା ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର, ଜବ୍ କାର୍ଡ ଏଥିମଧ୍ୟରୁ ଯେକୌଣସି ଗୋଟିଏ ପରିଚୟ ପତ୍ର ଦର୍ଶାଇ ମତଦାତା ନିଜର ପରିଚୟ ସାବ୍ୟସ୍ତ କରିପାରିବେ । ମତଦାତା ମାନେ ମାର୍ଗଦର୍ଶିକା ଅନୁଯାୟୀ ମତଦାନ କେନ୍ଦ୍ରକୁ ମୋବାଇଲ, କ୍ୟାମେରା, ହେଡଫୋନ୍ ଏବଂ ସ୍ମାର୍ଟୱାଚ୍ ଭଳି ବୈଦ୍ୟୁତିକ ଉପକରଣ ନେବାକୁ ବାରଣ କରାଯାଇଛି । ମତଦାନ କେନ୍ଦ୍ର ଭିତରେ ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନକୁ ମଧ୍ୟ ବାରଣ କରାଯାଇଛି । ସେହିପରି ମତଦାନକୁ ସହଜ କରିବା ନିମନ୍ତେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଅକ

ପକ୍ଷାଭକୀୟ
30 YEARS
ସମ୍ବାଦ କଳିକା

ଚୀନ୍ ସମକକ୍ଷ ହୋଇପାରିବନି ଭାରତ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି । ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି । ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ । କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି । ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି । ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି । ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ମା

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

ଶ୍ରୀ ଅଭିରାମ ସରସ୍ୱତୀ

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

ବ୍ରଜ ପରିକ୍ରମା

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଯାବଟ ଏକ ଉନ୍ନତ ଗ୍ରାମ । ଏଠାରେ ଦାଉଜୀ(ବଳରାମ)ଙ୍କ ମନ୍ଦିର ସହ ଶ୍ରୀରାଧାକୃଷ୍ଣଙ୍କର ମନ୍ଦିର ରହିଛି । ମନ୍ଦିରର ବାମପାର୍ଶ୍ୱରେ ରହିଛି ଜଟିଳା, କୁଟିଳା ଓ ଅୟାନଘୋଷ (ଚନ୍ଦ୍ରସେଣା)ଙ୍କ ମୂର୍ତ୍ତି । ନନ୍ଦଗ୍ରାମଠାରୁ ଯାବଟ ହେଉଛି ଛଅ କିଲୋମିଟର ଦୂର । ମନ୍ଦିର ପ୍ରାଙ୍ଗଣରେ ଥିବା କୂଅର ଜଳ ଖାରଯୁକ୍ତ ଏବଂ ମିଠା ଜଳ ପାଇବାକୁ ହେଲେ ଗ୍ରାମର ଲୋକମାନେ ଦୂରସ୍ଥ ଯମୁନାକୁ ଯାଇଥାନ୍ତି । ଏହା କେବଳ ଗୋପୀମାନଙ୍କର କୃଷ୍ଣଙ୍କ ସହିତ ମିଳନ ନିମନ୍ତେ ଯୋଗମାୟାଙ୍କର ବ୍ୟବସ୍ଥା ବୋଲି କୁହାଯାଏ । ଯାବଟ ଗ୍ରାମର ଈଶ୍ୱରୀକୁଣ୍ଡ ଏକ ତୀର୍ଥସ୍ଥାନ । ଏହିଭଳି ଚଉଦଟି କୁଣ୍ଡ ଗ୍ରାମ ମଧ୍ୟରେ ରହିଛି । ଯାବଟରୁ ଫେରିବା ପରେ ପୁଣି ନନ୍ଦ ଗ୍ରାମକୁ ଆସିବାକୁ ହୁଏ । ନନ୍ଦ ମହାରାଜାଙ୍କ ମନ୍ଦିର ଏକ ଛୋଟ ପାହାଡ଼ ଉପରେ ରହିଛି ଏବଂ କେତେକ ପାହାଚ ଦେଇ ସେଠାକୁ ଯିବାକୁ ପଡ଼େ । ମନ୍ଦିର ମଧ୍ୟରେ ଅଛି ନନ୍ଦ, ଯଶୋଦା ଓ ରାମକୃଷ୍ଣଙ୍କ ବିଗ୍ରହ । କାନ୍ଥ ଓ ଛାତରେ ଗୋପ ଓ ମଥୁରା ଲୀଳାର ଚିତ୍ରମାନ ଅଙ୍କା ଯାଇଛି । ସେଠାରୁ **ନନ୍ଦଗ୍ରାମ**ର ଶୋଭା ବେଶ୍ ମନୋମୁଗ୍ଧକର । ମନ୍ଦିରର ଚତୁଃପାର୍ଶ୍ୱରେ ଘେରି ରହିଛି ନନ୍ଦକୁଣ୍ଡ, କୃଷ୍ଣକୁଣ୍ଡ, ମୟୂରକୁଟୀ, କୋକିଳାବନ, ଉଦ୍ଧବବନ ଓ ଅକ୍ରୂରବନ । ଏଠାରୁ ମଧ୍ୟ ଯାବଟ ଗ୍ରାମ ଏବଂ ବର୍ଷାଣା ସହର ଦେଖି ହୁଏ । ବୃନ୍ଦାବନଠାରୁ ନନ୍ଦ ଗ୍ରାମର ଦୂରତା ପ୍ରାୟ ପଚାଶ କିଲୋମିଟର । ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଲେ ନନ୍ଦୀଶ୍ୱର । ଏହାପର ଦଶ କିଲୋମିଟର ବ୍ୟବଧାନରେ **କୋଷୀ ସହର** ରହିଛି । ବାଟରେ ଗଲାବେଳେ କୋକିଳା ବନ ଦେଇ ସେଠାକୁ ଯିବାକୁ ପଡ଼ିଥାଏ । ଭକ୍ତମାନେ ଏହି କୋକିଳା ବନକୁ ମୁଣ୍ଡ ନୁଆଁଇ ପ୍ରଣାମ ଜଣାଇଥାନ୍ତି । ଏଠାରେ ପ୍ରାକୃତିକ କ୍ଷୁଦ୍ର ଜଳସ୍ରୋତ ବହି ଯାଉଛି । ଝାଉଁ ଓ ପିଲୁ ବୃକ୍ଷରେ ଏହି ଅରଣ୍ୟଟି ଭରପୁର । ବହୁ ବନ୍ୟଜୀବ ଏଠାରେ ଦେଖାଯାଇଥାନ୍ତି । ଯେଉଁ ଯାବଟ କଥା ଆଗରୁ କୁହାଯାଇଛି ତାହା ଥିଲା ରାଧାରାଣୀଙ୍କର ଶାଶୁଘର ଗ୍ରାମ । ଏହି **କୋକିଳା ବନ** ଯାବଟର ପଶ୍ଚିମରେ ରହିଛି । ଏହିଠାରେ ହିଁ ପ୍ରଭୁ ରାଧାରାଣୀଙ୍କ ସହିତ ମିଶିଥାନ୍ତି ଏବଂ କୋକିଳ ଭଳି ଶବ୍ଦ କରି ସେ ରାଧାରାଣୀଙ୍କୁ ଏଠାକୁ ଆକର୍ଷଣ କରି ଡାକନ୍ତି । ଭକ୍ତି ରତ୍ନାକର ଗ୍ରନ୍ଥର ୫।୧୧୬୦-୧୧୬୮ରେ ତାହା ଉଲ୍ଲେଖ ରହିଛି । ବନ ମଧ୍ୟରେ କୋକିଳବିହାରୀଙ୍କ ଦର୍ଶନ ଓ ଈଶ୍ୱରୀକୁଣ୍ଡରେ ଆଚମନ କରିବାକୁ ହୁଏ ।

ବୈଠନ ଗ୍ରାମ ସୀମାରେ ରହିଛି ଦାଉଜୀ(ବଳରାମ)ଙ୍କ ମନ୍ଦିର । ମନ୍ଦିରକୁ ଲାଗି ରହିଛି କ୍ଷୀରସାଗର ନାମରେ ଗୋଟିଏ ପୁଷ୍କରିଣୀ । ଏହି ବୈଠନ ବନରେ ପ୍ରଭୁ ଗୋପୀମାନଙ୍କ ସହିତ ଏକତ୍ର ହୋଇ ପରାମର୍ଶ କରୁଥିବାର କିମ୍ବଦନ୍ତୀ ପ୍ରଚଳିତ । ଗୌଡ଼ୀୟ ସନ୍ୟାସୀ ସନାତନ ଗୋସ୍ୱାମୀ ଏଠାରେ ଅବସ୍ଥାନ କରୁଥିଲେ । ତାଙ୍କ ପ୍ରତି ସ୍ଥାନୀୟ ଲୋକମାନଙ୍କର ଯଥେଷ୍ଟ ଶ୍ରଦ୍ଧା ଥିଲା ଓ ସେ ମଧ୍ୟ ସେମାନଙ୍କୁ ଆଦର କରୁଥିଲେ । ଦାଉଜୀଙ୍କ ମନ୍ଦିର ନିକଟରେ ରହିଛି ଛୋଟ ବୈଠନ ଗ୍ରାମ । ଏହି ଗ୍ରାମରେ ଶିବଙ୍କ ମନ୍ଦିର ରହିଛି । ଏଠାରୁ କିଛି ବାଟ ଆଗେଇ ଗଲେ ପଡ଼େ ଚରଣ ପାହାଡ଼ । ତାହା ନିକଟରେ ବହି ଯାଉଛି ଚରଣଗଙ୍ଗା ନାମରେ ଗୋଟିଏ ଛୋଟ ଜଳସ୍ରୋତ । ଏହି ପାହାଡ଼ରେ ପ୍ରଭୁଙ୍କ ପଦଚିହ୍ନ ଓ ଗୋଖୁରାର ଚିହ୍ନମାନ ଖୋଦିତ ହୋଇଛି । ଏହି ଚରଣ ପାହାଡ଼ ତଳକୁ ରହିଛି ଚରଣଗଙ୍ଗା । ପୁଷ୍କରିଣୀଟିର ବହୁ ପାବଛରେ ଗୋପର ଗୋପୀ ଓ ଧେନୁମାନଙ୍କର ପାଦ ଓ ଖୁରାର ଚିହ୍ନମାନ ସ୍ପଷ୍ଟ ଭାବେ ରହିଛି । ଚରଣଗଙ୍ଗା ନିକଟରେ ରହିଛି ରାଧାକୃଷ୍ଣଙ୍କର ଏକ ମନ୍ଦିର । ଏହାକୁ ମନ୍ଦିର ବୋଲି କୁହାଯାଇ ପାରିବ ନାହିଁ । ବସ୍ତୁତଃ ତାହା ଏକ କୋଠାଘର । ତାହା ମଧ୍ୟରେ ପୂଜା ପାଉଛନ୍ତି ରାଧାକୃଷ୍ଣ ଓ ତାଙ୍କ ପଛରେ ରହିଛନ୍ତି ଶେଷଶାୟୀଙ୍କ ପ୍ରସ୍ତର ନିର୍ମିତ ବିଗ୍ରହ । ଅନନ୍ତ ଶୟନ ଅବସ୍ଥାରେ ପ୍ରଭୁଙ୍କୁ ବ୍ରହ୍ମା, ଶିବ ଓ ଅନ୍ୟାନ୍ୟ ଦେବତାଗଣ ସ୍ତୁତି କରିବାର ଦୃଶ୍ୟ ବେଶ୍ ସୁନ୍ଦର ଭାବେ ଖୋଦିତ ହୋଇଛି । ତାହାପରେ ପଡ଼େ ଗୋପାଳ ବାଗ । **କୋଷୀ** ମଥୁରା ଭଳି ଏକ ବଡ଼ ସହର । କୋଷୀଠାରୁ ଶେରଗଡ଼ର ଦୂରତା ପ୍ରାୟ ଅଠର କିଲୋମିଟର ।

ଯମୁନା କୂଳରେ ଅବସ୍ଥିତ **ଶେରଗଡ଼** ଏତେ ଉନ୍ନତ ସହର ନହେଲେ ମଧ୍ୟ ତାହାର ପରିବେଶଟି ବେଶ୍ ସୁନ୍ଦର । ଏହାର ପୂର୍ବନାମ ଥିଲା ଖିଲୌନ ବନ । ଏଠାରେ ପ୍ରଭୁ ବଳରାମ ଗୋପୀମାନଙ୍କ ସହିତ ରାସକ୍ରୀଡ଼ା କରୁଥିଲେ । ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟ ଗୋପୀ ଏବଂ ଗୋପାଳବାଳକମାନଙ୍କ ସହିତ ଏଠାରେ ପେଣ୍ଡୁ ଖେଳୁଥିବାରୁ ଏହାର ଏପରି ନାମକରଣ ହୋଇଛି । କିଲକ୍ଳବିହାରୀ ବା ଶ୍ରୀରାଧାକୃଷ୍ଣଙ୍କର ମୂର୍ତ୍ତି ଏଠାରେ ବିରାଜମାନ । ସହର ମଧ୍ୟରେ ଥିବା ଶ୍ରୀଗୋପୀନାଥ, ମଦନମୋହନ ଓ ଅନ୍ୟ ଏକ ପ୍ରାଚୀନ ମନ୍ଦିରରେ ଦାଉଜୀ (ବଳରାମ)ଙ୍କ ବିଗ୍ରହ ରହିଛି । ଏଠାରେ ପୂର୍ଣ୍ଣିମୀ ରାତ୍ରୀରେ ଯମୁନାର ଶୋଭା ଅତ୍ୟନ୍ତ ମନୋମୁଗ୍ଧକର । (କ୍ରମଶଃ)

ଯାଯାବରର ଡାଇରୀ–୫୯

ସର୍ବଧର୍ମ ସମନ୍ୱୟର ପୀଠ : ରସୁଲକୋଣ୍ଡା

ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ମୋ–୯୪୩୯୭୧୯୮୫୭

(୧୯୩୫) ସାଲରେ କମିଶନର ରସେଲ ସାହେବଙ୍କ ଆଗମନ ପରେ ଇଂରେଜମାନଙ୍କ କାର୍ଯ୍ୟାଳୟ, ରସୁଲକୋଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲା । ଅଳ୍ପ ସମୟ ମଧ୍ୟରେ ସେଠାରେ ଗଢ଼ି ଉଠିଥିଲା କୋର୍ଟ, କଚେରୀ, ଟ୍ରେଜେରୀ, ପୋଲିସ୍ ଥାନା ଓ ଜେଲଖାନା । ସେହି ସମସ୍ତ ଅନୁଷ୍ଠାନ ଗୁଡ଼ିକର କିଛି ନବୀକରଣ ହୋଇଛି ସତ, ହେଲେ ସେଇ କୋଠାଗୁଡ଼ିକରେ ଆଜିସୁଦ୍ଧା, ଭଞ୍ଜନଗର ଅଞ୍ଚଳର ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ଚାଲିଛି । ସହରର ମଧ୍ୟସ୍ଥଳରେ ସେମାନେ ତିଆରି କରିଥିବା ଜେଲଖାନା, ଅତୀତର ବିପ୍ଳବକୁ ମନେ ପକେଇ ଦେଉଛି । ଇଂରେଜମାନଙ୍କ ଆଗମନ ପୂର୍ବରୁ, ଘୁମୁସର ଅଞ୍ଚଳର ଆଦିବାସୀ ସମାଜ ନାନା କୁସଂସ୍କାର ଓ ଅନ୍ଧ ବିଶ୍ୱାସ ମଧ୍ୟରେ ବୁଡ଼ି ରହିଥିଲେ । ସେମାନଙ୍କୁ ସେହି ରାସ୍ତାରୁ ଫେରାଇ ଆଣିବା ପାଇଁ ରସେଲ ସାହେବ ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ରସୁଲକୋଣ୍ଡା ସହରରେ ହିନ୍ଦୁ, ମୁସଲମାନ ଓ ତେଲୁଗୁ ଲୋକମାନଙ୍କ ପାଇଁ ଗଢ଼ି ଉଠିଥିଲା ଅନେକ ବିଦ୍ୟାଳୟ । ନାରୀ ଶିକ୍ଷାର ବିକାଶ ପାଇଁ ୧୯୨୬ ସାଲରେ ପ୍ରତିଷ୍ଠା କରାଯାଇଥିଲା ଗୋଟିଏ ବାଳିକା ବିଦ୍ୟାଳୟ । କର୍ମଭିତ୍ତିକ ଶିକ୍ଷା ଦେବା ନିମନ୍ତେ ଖଲାସି ସାହିରେ ଆରମ୍ଭ ହୋଇଥିଲା ବେସିକ୍ ଟ୍ରେନିଂ ସ୍କୁଲ । ସେହି ସମୟରେ ଚିକିତ୍ସା ନିମନ୍ତେ ଘୁମୁସର ଅଞ୍ଚଳରେ କୌଣସି ଡାକ୍ତରଖାନା ନଥିଲା । ରୋଗୀମାନେ ମୁଖ୍ୟତଃ ଗ୍ରାମାଞ୍ଚଳରେ ଚିକିତ୍ସା କରୁଥିବା ବୈଦ୍ୟ କିମ୍ବା ଝଡ଼ାଫୁଙ୍କା ଉପରେ ନିର୍ଭର କରୁଥିଲେ । ଅନେକ ସମୟରେ ହଇଜା, ବସନ୍ତ ରୋଗପରି ମହାମାରୀରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରୁଥିଲେ । କିନ୍ତୁ ରସଲକୋଣ୍ଡା ଥିଲା ବିଭିନ୍ନ ଧର୍ମର ସମନ୍ୱୟ ପୀଠ । ଧର୍ମଗତ ବିଭିନ୍ନତା ସତ୍ତ୍ୱେ ହିନ୍ଦୁ, ମୁସଲମାନ ଓ ଖ୍ରିଷ୍ଟିୟାନମାନଙ୍କ ମଧ୍ୟରେ କୌଣସି ବିଭେଦ ନଥିଲା, ସମସ୍ତେ ଗୋଟିଏ ପରିବାରରେ ମଣିଷ ପରି ଚଳୁଥିଲେ । କାହାର କିଛି ଅସୁବିଧା ହେଲେ, ସମସ୍ତେ ଆଗେଇ ଆସୁଥିଲେ ସାହାଯ୍ୟ କରିବା ପାଇଁ । ନିଜେ ଅଙ୍ଗେ ନିଭେଇବା କଥାରୁ ଦୁଇପଦ କହୁଛି । ୧୯୫୩ ସାଲରେ ମୁଁ ଭଞ୍ଜନଗର ହାଇସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥାଏ । ସେହିବର୍ଷ ସାରା ସହରରେ ହଇଜା ମହାମାରୀର ରୂପ ଧାରଣ କରିଥାଏ । ସେତେବେଳକୁ ଭଞ୍ଜନଗରରେ ଡାକ୍ତରଖାନା ପ୍ରତିଷ୍ଠା ହୋଇ ସାରିଥାଏ । କିନ୍ତୁ ଡାକ୍ତରଙ୍କୁ ବାଦଦେଲେ ଡାକ୍ତରଖାନାର ଅଧିକାଂଶ କର୍ମଚାରୀ ଥାଆନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ । ଲୋକ ସମାଜରେ ଧାରଣା ଥାଏ, ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ହରିଜନ ସମ୍ପ୍ରଦାୟର । ସେମାନଙ୍କ ହାତରୁ ପାଣି ପିଇଲେ କାଳେ ଜାତି ଚାଲିଯିବ, ତେଣୁ ରୋଗ ଯେତେ ଦୁଃସାଧ ହେଉପଛେ, ସେମାନେ ଡାକ୍ତରଖାନାକୁ ଯାଉ ନ ଥିଲେ । ମୁଁ ବି ହଇଜାରେ ଆକ୍ରାନ୍ତ ହେଲି । ଦେହର ଅବସ୍ଥା ଖରାପ ଆଡ଼କୁ ଗତି କଲା । ମୋର ନନା (ପଣ୍ଡିତ ଶ୍ରୀଧର ଶତପଥୀ) ଖୁବ୍ ବିଚଳିତ ହୋଇ ପଡ଼ିଲେ । ଆଖି ଆଗରେ ଶହ ଶହ ଏହି ଲୋକ ମୃତ୍ୟୁ ବରଣ କରୁଥାଆନ୍ତି । ଜଣେ ନୈଷ୍ଠିକ ବ୍ୟକ୍ତି ଭାବେ ଭଞ୍ଜନଗର ସହରରେ ଆମର ଅନେକ ସୁଖ୍ୟାତି ଥାଏ । ନନା କୁସଂସ୍କାର ଓ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ । ଯାହା ମନେ ପଡୁଛି ସେତେବେଳେ ଡାକ୍ତରଖାନାରେ ଜଣେ ବ୍ରାହ୍ମଣ ଡାକ୍ତର ରଥବାବୁ ଥାଆନ୍ତି । ଘର ଘର ବୁଲି ହଇଜା ପ୍ରପୀଡ଼ିତ ରୋଗୀମାନଙ୍କୁ ସେ ଚିକିତ୍ସା କରୁ ଥାଆନ୍ତି । ଯାହାହେଉ ତାଙ୍କର ଚିକିତ୍ସାକ୍ରମେ ମୁଁ ପୁର୍ନଜନ୍ମ ଲାଭ କରିଥିଲି । ଠିକ୍ ସେହି ବର୍ଷ, ବସନ୍ତ ରୋଗ ମହାମାରୀ ରୂପ ଧାରଣ କରି ଅନେକ ଲୋକଙ୍କୁ ନେଇ ଚାଲିଗଲା । କିନ୍ତୁ ନିରୁପାୟ, ସେତେବେଳେ ହଇଜା କିମ୍ବା ବସନ୍ତ ରୋଗ ପାଇଁ କୌଣସି ପ୍ରତିଷେଧକ ଔଷଧ ଉପଲବ୍ଧ ନଥିଲା । ଯାହା ବି ଡାକ୍ତରଖାନାରେ ମିଳୁଥିଲା ତାକୁ ବିଶେଷ କରି ଗ୍ରାମାଞ୍ଚଳ ଲୋକମାନେ ଆଦୌ ଗ୍ରହଣ କରୁନଥିଲେ ।

ବର୍ତ୍ତମାନ ମନେ ପଡୁଛି, ସେହି ସମୟର ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିୟାନମାନଙ୍କର ସଂପ୍ରୀତିର କଥା । ଯେତେବେଳେ ସହରରେ ହଇଜା ଓ ବସନ୍ତର ପ୍ରକୋପ, ମଧ୍ୟରାତ୍ରରେ ହଜାର ହଜାର ସଂଖ୍ୟାରେ ମୁସଲମାନ ନିଜର ପ୍ରଭୁ ଆଲ୍ଲାଙ୍କୁ ଡାକି ସହରବାସୀଙ୍କୁ ରୋଗମୁକ୍ତ କରିବା ପାଇଁ ନିବେଦନ କରିବା ସହିତ, ସମସ୍ତ ଲୋକଙ୍କ ଦରଜାରେ ହାତ ଚିହ୍ନର ଚନ୍ଦନ ପ୍ରଲେପ ଦେଇ ଆଲ୍ଲା ହୋ ଆକ୍‌ବର ଧ୍ୱନୀ ଦେଇ ସାରା ରାତି ଉଜାଗର ରହୁଥିଲେ । ସେହିପରି ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ, ସୁର୍ଯ୍ୟୋଦୟ ପୂର୍ବରୁ ସଙ୍ଗୀତ ମାଧ୍ୟମରେ ଯୀଶୁଙ୍କୁ ଆହ୍ୱାନ କରି ସହର ପରିକ୍ରମା କରୁଥିଲେ ଲୋକଙ୍କ ରୋଗ ମୁକ୍ତି ପାଇଁ । ତେଣୁ ସମସ୍ତେ ଅନୁଭବ କରୁଥିଲେ ଆମେ ଏକ ଅଭିନ୍ନ ।

ଘୁମୁସର ଅଞ୍ଚଳରେ ତନ୍ତ୍ର, ମନ୍ତ୍ର ଉପରେ ଲୋକ ମାନଙ୍କର ପ୍ରବଳ ବିଶ୍ୱାସ ଥିଲା । ଭୂତ, ପ୍ରେତ, ଦୃଷ୍ଟି, ପାଗଳା କୁକୁର କିମ୍ବା ବିଲୁଆ କାମୁଡ଼ି ଦେଲେ ତାନ୍ତ୍ରିକମାନେ ଝଡ଼ା, ଫୁଙ୍କା ସାହାଯ୍ୟରେ ରୋଗମୁକ୍ତ କରୁଥିଲେ । କୌଣସି ମଣିଷ ଦେହରେ ଭୂତ, ପ୍ରେତର ସବାର ହେଲେ ମୁସଲମାନ ଓ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର କିଛି ବ୍ୟକ୍ତି ଲୋକମାନଙ୍କୁ ଡେଉଁରିଆ ପ୍ରଦାନ କରୁଥିଲେ ସେଥିରୁ ମୁକ୍ତିପାଇଁ । ସଭ୍ୟତାର ବିକାଶ ସତ୍ତ୍ୱେ, ଆଜି ମଧ୍ୟ ତନ୍ତ୍ର ପ୍ରୟୋଗର ବିଧି ଘୁମୁସର ଅଞ୍ଚଳରେ ଖଟ ବିଦ୍ୟା ଓ ନଖ ଦର୍ପଣ ବିଦ୍ୟା ମାଧ୍ୟମରେ ଦେଖିବାକୁ ମିଳୁଛି । ଘୁମୁସର ଏକ ଅତ୍ୟନ୍ତ ଉର୍ବର ଅଞ୍ଚଳ । ସେଠାକାର ଲୋକଙ୍କ ମୁଖ୍ୟ ଜୀବିକା ଥିଲା କୃଷି ଓ ଦେଶରକ୍ଷା । କୃଷିକ୍ଷେତ୍ରରେ ଉଭୟ ପୁରୁଷ ଓ ସ୍ତ୍ରୀ ମିଳିମିଶି କାମ କରୁଥିଲେ । ବର୍ଷସାରା ସେମାନଙ୍କ ଜମି ପଡ଼ିଆ ପଡ଼େନାହିଁ । ବନ୍ୟା, ମରୁଡ଼ି କଣ ସେମାନେ ଜାଣନ୍ତି ନାହିଁ । ଜଳସେଚନର ସୁବିଧା ନିମନ୍ତେ ରସଲକୋଣ୍ଡା ଓ ସୋରଡ଼ା ଅଞ୍ଚଳରେ ଦୁଇଟି ବିରାଟ ଜଳାଶୟ ଅଛି । ଜଳସେଚନ ସହିତ ସେଠାରେ ବହୁ ପରିମାଣରେ ମାଛ ଉତ୍ପନ୍ନ ହୁଏ । ଘୁମୁସରର ପଶ୍ଚିମ ଓ ଉତ୍ତର ପଟକୁ ଘେରି ରହିଛି କନ୍ଧମାଳ ଜିଲ୍ଲାର ମାଳ ଅଞ୍ଚଳ । କନ୍ଧମାଳରୁ ଆଦାୟ ହେଉଥିବା ଜଙ୍ଗଲଜାତ ଦ୍ରବ୍ୟ ଉପଲବ୍ଧ ହୁଏ ରସଲକୋଣ୍ଡା ସହରରେ । ଇଂରେଜମାନେ ଶାସନଭାର ଗ୍ରହଣ କରିବାର ପ୍ରଥମାବସ୍ଥାରେ ସ୍ଥାନୀୟ ଲୋକମାନେ ସେମାନଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରୁନଥିଲେ । ତେଣୁ ସେମାନଙ୍କର ଚଳିବା ନିମନ୍ତେ, ଦକ୍ଷିଣାଞ୍ଚଳରୁ ବିଭିନ୍ନ ଜାତିର ଲୋକମାନଙ୍କୁ ଆଣି ଥଇଥାନ କରିବା ସହିତ, ସେମାନଙ୍କର ନାମାନୁସାରେ କୁମୁଟୀ (ବେପାରି) ସାହି, ନିଆରୀ (ପରିବା ବେପାରୀ) ସାହି, ମେଦିରି (ବାଉଁଶରୁ ପ୍ରସ୍ତୁତ ଜିନିଷ ତିଆରି କରିବା) ସାହି, ପାଟରା (ଲୁଗା ପ୍ରସ୍ତୁତକାରୀ) ସାହି, ସିଗିଡ଼ି ସାହି, ତେଲି ସାହି, ତେଲେଙ୍ଗା ସାହି, ବଡ଼ଧୋବା ସାହି, ସାନଧୋବା ସାହି, ମୋଚି ସାହି, ବଡ଼ ଶଙ୍ଖ ହାଡ଼ି ସାହି, ନାଆଁ ଡୁଠ ସାହି ପରି ଅନେକ ବସ୍ତି ଗଢ଼ିଉଠିଥିଲା । ସେମାନଙ୍କୁ ବାଦଦେଲେ ଆହୁରି ଅନେକ ବର୍ଗର ଲୋକ ଯଥା ମରାଠୀ, ଗୋଲା, କେଳା ଓ ଆଫଗାନ୍ ସମ୍ପ୍ରଦାୟ ନିଜର ଜୀବିକା ଅର୍ଜନ ନିମନ୍ତେ ସହରର ଉପକଣ୍ଠରେ ବସବାସ କରୁଥିଲେ । ରସଲକୋଣ୍ଡାଠାରୁ ବେଲଗୁଣ୍ଡାର ଦୂରତ୍ୱ ମାତ୍ର ୮ କିଲୋମିଟର । ବେଲଗୁଣ୍ଡାରେ ପ୍ରତ୍ୟେକ ସୋମବାର ଦିନ ହାଟ ବସେ । ଏହି ହାଟରେ ସବୁ କିସମର ଜିନିଷ ମିଳେ । ବିଶେଷ କରି ମାଳ ଅଞ୍ଚଳର ଜିନିଷ, ଯଥା ହଳଦୀ, ପାଳୁଅ, ଝୁଣା, ମହୁ ଇତ୍ୟାଦି କ୍ରୟ କରିବା ପାଇଁ ଦୂର ଦୂରାନ୍ତରୁ ମାରବାଡ଼ି ବ୍ୟବସାୟୀମାନେ ଆସି ରସଲକୋଣ୍ଡାରେ ବସବାସ କରୁଥିଲେ । ଅତଏବ ରସଲକୋଣ୍ଡା ଥିଲା ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଓ ଜାତିର ମଣିଷମାନଙ୍କ ମିଳନର ସ୍ଥଳୀ । ବର୍ଷସାରା ସମସ୍ତ ବର୍ଗର ଲୋକମାନେ ନିଜ ନିଜର ଉତ୍ସବ ପାଳନ କରୁଥିଲେ । କାହାର କାହାପ୍ରତି ବିଦ୍ୱେଷ ଭାବ ନଥିଲା । ମୋର ଜନ୍ମ ୧୯୪୪ ସାଲରେ । ମୋର ଜ

30 YEARS
ସମୟ କହିଲା
ଭୁବନେଶ୍ୱର, ୨୯ ମଇ ୨୦୨୪ ବୁଧବାର

ଆଭା

ବୈଜ୍ଞାନିକଙ୍କୁ ବଡ଼ ସଫଳତା: ଏହି ଉପାୟରେ ୧୦ ବର୍ଷ କମିଲା ବୃଦ୍ଧଙ୍କ ବୟସ

ମଣିଷ ନିଜ ବୟସ ତୁଳନାରେ କମ୍ ବୟସର ଦେଖାଯିବା ପାଇଁ ଅନେକ ପନ୍ଥା ଅପଣାନ୍ତି। କିଏ ଜିମ୍ ଯାଇ ସୁସ୍ଥ ରହିବାକୁ ଚେଷ୍ଟା କରନ୍ତି ତ ଆଉ କେହି ଉପଯୁକ୍ତ ଡାଏଟ ଏବଂ ଆଣ୍ଟି ଏଜିଂ କ୍ରିମ ଭଳି ପ୍ରସାଧନ ସାମଗ୍ରୀ ବ୍ୟବହାର କରନ୍ତି। କିନ୍ତୁ ଏ କ୍ଷେତ୍ରରେ ବୈଜ୍ଞାନିକମାନଙ୍କୁ ଏକ ବଡ଼ ସଫଳତା ମିଳିଛି। ମଣିଷ ନିଜର ବୟସ କମାଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଜଣେ ବ୍ୟକ୍ତିଙ୍କଠାରେ ପରୀକ୍ଷଣ ପରେ ବୈଜ୍ଞାନିକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ୩ମାସର ପରୀକ୍ଷଣ ପରେ ଜଣେ ବ୍ୟକ୍ତିଙ୍କ ବୟସ ୧୦ ବର୍ଷ ହ୍ରାସ କରିବାରେ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ପରୀକ୍ଷଣ ପାଇଁ ବୈଜ୍ଞାନିକମାନେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଯୋଶେଫ ଡିଟୁରିଙ୍କୁ ନିଜ ଟିମରେ ସାମିଲ କରିଥିଲେ। ତାଙ୍କୁ ଆଟଲାଣ୍ଟିକ ମହାସାଗରରେ ୩ ମାସ ପର୍ଯ୍ୟନ୍ତ ଗଭୀର ଜଳରେ ଏକ କମ୍ପାଙ୍କ ପଡ୍ ଭିତରେ ରଖାଯାଇଥିଲା। ୯୩ ଦିନ ପରେ ଯେତେବେଳେ ଯୋଶେଫ ପାଣିରୁ ବାହାରିଥିଲେ ତାଙ୍କର ପରୀକ୍ଷାନିରୀକ୍ଷା କରାଯାଇଥିଲା, ଯାହାର ରିପୋର୍ଟ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ଯୋଶେଫଙ୍କ ବୟସ ୧୦ ବର୍ଷ ହ୍ରାସ ପାଇଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ। ପାଣି ଭିତରେ ଅଧିକ ଚାପ ରହୁଥିବା ପରିବେଶରେ ଦୀର୍ଘ ସମୟ ରହିଲେ ଶରୀର ଉପରେ ତାହାର କି ପ୍ରଭାବ ପଡ଼େ ସେନେଇ ବୈଜ୍ଞାନିକମାନେ ଏହି ପରୀକ୍ଷା କରାଇଥିଲେ। ପରୀକ୍ଷାରୁ ଜଣାପଡ଼ିଥିଲା ଯେ, ଯୋଶେଫଙ୍କ ଶରୀରର କ୍ରୋମୋଜମ ଶେଷଭାଗରେ ଥିବା ଡିଏନଏ କ୍ୟାପ୍(ଟେଲୋମିୟର) ପୂର୍ବ ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇଥିଲା। ମଣିଷର ବୟସ ବଢ଼ିଲେ ଏହି ଟେଲୋମିୟର ଧୀରେ ଧୀରେ ସଙ୍କୁଚିତ ହୋଇଯାଇଥାଏ। କିନ୍ତୁ ସେ ୩ ମାସ ଆଟଲାଣ୍ଟିକର ଗଭୀର ଜଳରେ ଅଧିକ ଚାପ ଥିବା ପରିବେଶରେ ରହିବା ପରେ ତାଙ୍କ ଶରୀରର ଟେଲୋମିୟର ଆକାର ବୃଦ୍ଧି ପାଇଥିଲା, ଯାହା ତାଙ୍କ ବୟସ ହ୍ରାସର ପ୍ରମାଣ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହା ବ୍ୟତୀତ ଶରୀରର ଷ୍ଟେମ ସେଲ୍‌ଫ ସଂଖ୍ୟା ବୃଦ୍ଧି ପାଇଥିଲା। ମୋଟାମୋଟି ଭାବେ ତାଙ୍କ ଶରୀରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତାଙ୍କ ନିଦ୍ରା ସମସ୍ୟା ଦୂର ହୋଇଯାଇଥଲା। ଶରୀରରେ କୋଲେଷ୍ଟେରଲ ସ୍ତର ୭୨ ପଏଣ୍ଟ ହ୍ରାସ ପାଇଥିଲା। ପୂର୍ବରୁ ତାଙ୍କ ଶରୀରରେ ଯେଉଁ ଜ୍ୱଳନ ହେଉଥିଲା ତାହା ମଧ୍ୟ ୫୦ ପ୍ରତିଶତ କମିଯାଇଥିଲା। ପାଚନଶକ୍ତି ବୃଦ୍ଧି ପାଇଥିଲା। ଗଭୀର ଜଳ ଭିତରେ ଯେଉଁ ଚାପମୟ ପରିବେଶ ରହିଥାଏ ତାହା ଯୋଗୁ ଶରୀରରେ ଏହି ପରିବର୍ତ୍ତନ ଘଟିଥିବା ଡାକ୍ତରମାନେ କହିଛନ୍ତି। ଯୋଶେଫ ପୂର୍ବରୁ ମଧ୍ୟ ଅନୁରୂପ ଭାବେ ଏହି ପରୀକ୍ଷଣରେ ସାମିଲ ହୋଇଥିଲେ। ପୂର୍ବଥର ସେ ୭୩ ଦିନ ଧରି ପାଣି ଭିତରେ ରହିଥିଲେ। ପାଣି ଭିତରେ ରହିବାର ଅନୁଭୂତି ଅତ୍ୟନ୍ତ ନିଆରା ଏବଂ ଏହା ଶରୀର ପାଇଁ ବେଶ୍ ହିତକର ବୋଲି ଯୋଶେଫ ବ୍ରିଟିଶ ଖବରକାଗଜ ଡେଲି ମିରରକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି।

ପୂଜା ପୂର୍ବରୁ ଘଣ୍ଟି ବଜାଇବା ସକରାତ୍ମକ ଶକ୍ତି ପ୍ରଦାନ ଓ ନକାରାତ୍ମକ ଶକ୍ତି ଦୂର କରିଥାଏ

ହିନ୍ଦୁ ଧର୍ମରେ ଲୋକମାନେ ପୂଜାପାଠ କରିବାକୁ ମନ୍ଦିରକୁ ଯାଆନ୍ତି, ମନ୍ଦିରର ମୁଖ୍ୟ ଦ୍ୱାରରେ ଘଣ୍ଟି ବନ୍ଧା ହୋଇଛି, ଯାହାକୁ ଲୋକମାନେ ମନ୍ଦିର ଭିତରକୁ ଯିବା ପୂର୍ବରୁ ବଜାନ୍ତି, ଯାହା ପରେ ସେମାନେ ପୂଜା କରନ୍ତି ଏବଂ ଭଗବାନଙ୍କ ଦର୍ଶନ କରନ୍ତି। ମନ୍ଦିର ବାହାରେ ଏବଂ ଭିତରେ ଘଣ୍ଟି ବାନ୍ଧବାର ପରମ୍ପରା ଶତାବ୍ଦୀ ଧରି ଚାଲିଆସୁଛି। ହିନ୍ଦୁ ଧର୍ମ ଅନୁଯାୟୀ, ପୂଜା ପୂର୍ବରୁ ଘଣ୍ଟି ବଜାଇବା ସକରାତ୍ମକ ଶକ୍ତି ପ୍ରଦାନ କରିଥାଏ ଏବଂ ଆଖପାଖର ପରିବେଶକୁ ଶୁଦ୍ଧ କରିଥାଏ। ଏକ ଧାର୍ମିକ ବିଶ୍ୱାସ ଅଛି ଯେ, ଘରେ କିମ୍ବା ମନ୍ଦିରରେ ପୂଜା କରିବା ସମୟରେ ଘଣ୍ଟି ବଜାଇବା ପରିବେଶରେ ଥିବା ମାଇକ୍ରୋ ଅଣୁଜୀବ ଏବଂ ଜୀବାଣୁ ନଷ୍ଟ କରିଥାଏ ଏବଂ ନକାରାତ୍ମକ ଶକ୍ତି ମଧ୍ୟ ଦୂର କରିଥାଏ। ଏକ ଧାର୍ମିକ ବିଶ୍ୱାସ ଅଛି ଯେ, ଘରେ କିମ୍ବା ମନ୍ଦିରରେ ପୂଜା କରିବା ସମୟରେ ଘଣ୍ଟି ବଜାଇବା ପରିବେଶରେ ଥିବା ଅଣୁଜୀବ ଏବଂ ଜୀବାଣୁ ନଷ୍ଟ କରିଥାଏ ଓ ନକାରାତ୍ମକ ଶକ୍ତି ମଧ୍ୟ ଦୂର କରିଥାଏ। ମନ୍ଦିରରେ ବିଭିନ୍ନ ପ୍ରକାରର ଘଣ୍ଟି ବ୍ୟବହୃତ ହୁଏ, କିନ୍ତୁ ଏହି ସମସ୍ତ ଘଣ୍ଟି ମଧ୍ୟରେ ଗରୁଡ ଘଣ୍ଟି ସବୁଠାରୁ ଶୁଭ ବୋଲି ବିବେଚନା କରାଯାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ, ବ୍ରହ୍ମାଣ୍ଡର ସୃଷ୍ଟିରେ ଧ୍ୱନିର ଏକ ବଡ଼ ଅବଦାନ ରହିଛି। ବିଶ୍ୱାସ କରାଯାଏ ଯେ, ସୃଷ୍ଟି ସମୟରେ ବାହାରିଥିବା ଧ୍ୱନି ହେଉଛି ସମାନ ଧ୍ୱନି। ଯାହା ଗରୁଡ ଘଣ୍ଟି ବଜାଇବା ପରେ ବାହାରକୁ ଆସେ। ବିଶ୍ୱାସ କରାଯାଏ ଯେ, ଗରୁଡ ଘଣ୍ଟର ଶବ୍ଦ ଦେବତା ଏବଂ ଦେବୀଙ୍କୁ ପ୍ରସନ୍ନ କରେ ଏବଂ ପରିବେଶକୁ ମଧ୍ୟ ଶୁଦ୍ଧ କରିଥାଏ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ ଯେ, ଆଲୋକ ଧ୍ୱନିରୁ ଏବଂ ଧ୍ୱନି ଆଲୋକର ରୂପରୁ ଉତ୍ପତ୍ତି। ତେଣୁ, ଘଣ୍ଟି ଆକାରରେ ଥିବା ଶବ୍ଦକୁ ମନ୍ଦିର ଏବଂ ପୂଜା ଗୃହରେ ରଖିବା ଉଚିତ ବୋଲି ବିଶ୍ୱାସ କରାଯାଏ। ପୂଜା ପୂର୍ବରୁ ଏବଂ ସମୟରେ ଘଣ୍ଟି ବଜାଇବା ଦ୍ୱାରା ନକାରାତ୍ମକ ଶକ୍ତି ଏବଂ ଅନେକ ପ୍ରକାରର ବାସ୍ତୁ ଦୋଷ ଦୂର ହୋଇଥାଏ, ଘରେ ସୁଖ ଏବଂ ସମୃଦ୍ଧତା ମଧ୍ୟ ବଢିଥାଏ। ଧାର୍ମିକ ଶାସ୍ତ୍ର ଅନୁଯାୟୀ, ଭଗବାନ ଗରୁଡଙ୍କୁ ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷୀ ଭାବରେ ବିବେଚନା କରାଯାଏ । ତାଙ୍କୁ ମଧ୍ୟ ଦେବତା ଭାବରେ ପୂଜା କରାଯାଏ। ଭଗବାନ ଗରୁଡ ଭଗବାନ ବିଷ୍ଣୁଙ୍କ ଯାନ ଭାବରେ ବିବେଚନା କରାଯାଏ। ଭଗବାନ ବିଷ୍ଣୁଙ୍କ ପୂଜାରେ ଗରୁଡ ଘଣ୍ଟି ବଜାଇ ସମସ୍ତ ଇଚ୍ଛା ପୂରଣ ହୁଏ ଏବଂ ଭକ୍ତଙ୍କ ପ୍ରାର୍ଥନା ସିଧାସଳଖ ଭଗବାନଙ୍କ ନିକଟରେ ପହଞ୍ଚେ। ଯଦି କୌଣସି ବ୍ୟକ୍ତି ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତି ଏବଂ ଗରୁଡ ଘଣ୍ଟି ସହିତ ଆରତୀ କରନ୍ତି, ତେବେ ସେ ଚନ୍ଦ୍ରଙ୍କୁ ଉପବାସ କରିବାର ଗୁଣ ପାଇଥାନ୍ତି ଏବଂ ତାଙ୍କର ପୂର୍ବ ଜନ୍ମର ଅନେକ ପାପ ଦୂର ହୋଇଯାଏ। ପୂଜା ଘଣ୍ଟିରେ ଭଗବାନ ଗରୁଡ ଛବି ପଛର କାରଣ ହେଉଛି, ଗରୁଡ ଘଣ୍ଟି ହେଉଛି ଭଗବାନ ବିଷ୍ଣୁଙ୍କ ଯାନ। ଯାହା ଦ୍ୱାରା ତାଙ୍କ ଭକ୍ତଙ୍କ ବାର୍ତ୍ତା ଶୀଘ୍ର ଭଗବାନ ବିଷ୍ଣୁଙ୍କ ନିକଟରେ ପହଞ୍ଚେ। ବିଶ୍ୱାସ ଅନୁଯାୟୀ, ଗରୁଡ ଘଣ୍ଟି ବିନା ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଆରତୀ ପରେ, ଲୋକମାନେ ଘଣ୍ଟି ବଜାନ୍ତି ଯାହା ଦ୍ୱାରା ସେମାନଙ୍କର ସମସ୍ତ ଇଚ୍ଛା ଭଗବାନଙ୍କ ନିକଟରେ ପହଞ୍ଚେ। ପୂଜାରେ ଗରୁଡ ଘଣ୍ଟି ବ୍ୟବହାର କରିବା ବିଶେଷ ଲାଭ ଦେଇଥାଏ। ଗରୁଡ ଘଣ୍ଟି ଆକାରରେ ଛୋଟ, ଯାହା ଗୋଟିଏ ହାତରେ ଗଡ଼ାଯାଇପାରେ। ବିଶ୍ୱାସ କରାଯାଏ ଯେ, ପୂଜାରେ ଗରୁଡ ଘଣ୍ଟି ବ୍ୟବହାର କରି ଜଣେ ପରିତ୍ରାଣ ପାଇଥାଏ ଏବଂ ସକରାତ୍ମକ ଶକ୍ତି ସର୍ବଦା ଘରେ ରହିଥାଏ।

ଶରୀରରୁ ଏହି ଭିଟାମିନ କମିଲେ ହୋଇଯିବେ ଅନ୍ଧ

ଆମ ଶରୀରରେ ଥିବା ପ୍ରତ୍ୟେକ ପୋଷକ ତତ୍ତ୍ୱର ନିଜସ କିଛି ଗୁରୁତ ରହିଛି ଯଦି ଆମେ ଆମର ଦୃଷ୍ଟି ଶକ୍‌ତିକୁ ସୁସ୍ଥ ରବାକୁ ଚାହିଁବା, ତେବେ ଆମକୁ ଭିଟାମିନ ଏ ଖାଦ୍ୟ ଖାଇବାକୁ ପଡିବ, ଯାହାକି ସାଧାରଣତଃ ନାଲି, ହଳଦିଆ ଏବଂ କିଛି ସବୁଜ ଫଳ ଏବଂ ପନିପରିବାରେ ପ୍ରଚୁର ପରିମାଣରେ ମିଳିଥାଏ ଜିଏମ୍‌ଏସ ହସ୍ପିଟାଲ୍, ଗ୍ରେଟର ନୋଏଡାରେ କାର୍ଯ୍ୟ କରୁଥିବା ଜଣେ ପ୍ରସିଦ୍ଧ ଡାଏଟିସିଆନ ଡାକ୍‌ତର ଆୟୁଷୀ ଯାଦବ ସ୍ପଷ୍ଟ କରିଛନ୍ତି ଯେ, ଆମ ଶରୀର ପାଇଁ ଭିଟାମିନ ଏ କାହିଁକି ଗୁରୁତ୍‌ପୂର୍ଣ୍ଣ ଏବଂ କେଉଁ ଖାଦ୍ୟ ମାଧ୍ୟମରେ ଆମେ ଏହି ପୁଷ୍ଟିକର ଖାଦ୍ୟ ପାଇପାରିବା।

ଆମକୁ କେତେ ଭିଟାମିନ ଏ ଆବଶ୍ୟକ? ଭିଟାମିନ ଡି ପରି ଆମକୁ ସୂର୍ଯ୍ୟ କିରଣ ମାଧ୍ୟମରେ ଭିଟାମିନ ଏ ମିଳିନାହିଁ, ଅର୍ଥାତ ଖାଦ୍ୟରୁ ଆମକୁ ଏହି ପୁଷ୍ଟିକର ଖାଦ୍ୟ ଆହସ କରିବା ଆବଶ୍ୟକ ଭିଟାମିନ ଏ ଅଭାବରୁ ରକ୍ଷା ପାଇବା ପାଇଁ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ହାରାହାରି ୭୦୦ ରୁ ୯୦୦ ମାଇକ୍ରୋଗ୍ରାମ (ଏମସିଜି) ଭିଟାମିନ ଏ ଆବଶ୍ୟକ କରିଥାନ୍ତି ଆ ପାଇଁ ଭିଟାମିନ ଏ ଅତ୍ୟନ୍ତ ଜରୁରୀ :- ଏହି ପୋଷକ ତତ୍ତ୍ୱର ଅଭାବ ହେଲେ ବଶିଷ ଦୃଷ୍ଟିହୀନତାର ଶିକାର ହୁଏ ଏହା ଫଳରେ ବ୍ୟକ୍ତିଙ୍କୁ ରାତିରେ କିଛି ଦୃଶ୍ୟ ହୋଇନଥାଏ ବା ଧୁଆଁ ଧୁଆଁ ଦେଖାଯାଏ । ଏହି ଖାଦ୍ୟରୁ ଭିଟାମିନ ଏ ମିଳିବ :- ଡାଏଟିସିଆନ ଡାକ୍ତର ଆୟୁଷୀ ଯାଦବଙ୍କ କହିବାନୁସାରେ, ଆମେ ଏପରି ଖାଦ୍ୟ ଖାଇବା ଉଚିତ ଯାହାଦ୍ୱାରା ଆମର ଦୈନନ୍ଦିନ ଆବଶ୍ୟକତା ଅନୁଯାୟୀ ଭିଟାମିନ ଏ ର ଆବଶ୍ୟକତା ପୂରଣ ହେବ ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ ଯଥା : କମଳା ଏବଂ ହଳଦିଆ ପନିପରିବା, ଫୋର୍ଟିଫାଇଡ ଶସ୍ୟ, ସବୁଜ ପନିପରିବା, କୋଡ ଲିଭର ତେଲ, ଅଣ୍ଡା, କ୍ଷୀର, ଗାଜର, ପାଳଙ୍ଗ, କନ୍ଦମୂଳ, ଅମୃତଭଣ୍ଡା ଦହି, ସୋୟାବିନ ଖାଇବା ଉଚିତ୍।

ଖାଲିପେଟରେ ଖାଇବେନି ଚା, ଦହି,ଟମାଟ, ପିଜୁଳି

ସୁସ୍ଥ ରହିବାକୁ ହେଲେ ଆମକୁ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଉପଯୁକ୍ତ ଖାଦ୍ୟ, ବ୍ୟାୟାମ, ଭଲ ନିଦ ଏବଂ ଜଙ୍କ୍‌ଫୁଡ୍ ଠାରୁ ଦୂରରେ ରହିବା ବହୁତ ଭଲ। ଠିକ୍ ସମୟରେ ସଠିକ୍ ଖାଦ୍ୟ ଖାଇବା ମଧ୍ୟ ଜରୁରୀ ଅଟେ। ବିଶେଷକରି କିଛି ଖାଦ୍ୟପଦାର୍ଥ ରହିଛି ଯାହାକୁ ଆଦୌ ଖାଲି ପେଟରେ ଖାଇବା ଉଚିତ୍ ନୁହେଁ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜାଣନ୍ତୁ ଏ ସମ୍ପର୍କରେ :-

ଚା କିମ୍ବା କଫି:
ପ୍ରାୟତଃ ଲୋକମାନେ ଚା କିମ୍ବା କଫି ସହିତ ସକାଳ ଆରମ୍ଭ କରିବାକୁ ପସନ୍ଦ କରନ୍ତି। କିନ୍ତୁ ଖାଲି ପେଟରେ ଚା କିମ୍ବା ଖଫି ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖା ଦେଇଥାଏ। ତେଣୁ ଚା କିମ୍ବା କଫି ପିଇବା ସମୟରେ ସର୍ବଦା ରୁଟି ଏବଂ ବିସ୍କୁଟ ଖାଆନ୍ତୁ, ଏହା ଆପଣଙ୍କ ପେଟକୁ ଠିକ୍ ରଖିବ।

ମସଲାଯୁକ୍ତ ଖାଦ୍ୟ:
ଖାଲି ପେଟରେ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ସମସ୍ୟା ହୋଇପାରେ। ଏଥିଯୋଗୁ ଅମ୍ଳତା କିମ୍ବା ଯନ୍ତ୍ରଣା ଆରମ୍ଭ ହୋଇଥାଏ। ମସଲାଯୁକ୍ତ ଖାଦ୍ୟର ପେଟରେ ଅଦୃଶ୍ୟତା ସମସ୍ୟା ସୃଷ୍ଟି କରିଥାଏ ।

ଦହି:
ଖାଲି ପେଟରେ ଦହି ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। କାରଣ ଏହା ପ୍ରବଳ ଥଣ୍ଡା। ତେଣୁ ଖାଲି ପେଟରେ ଦହି ଖାଇବା ମନା।

ଟମାଟୋ :
ଟମାଟୋ ଗରମ ତେଣୁ ଗରମ ପାଗ କିମ୍ବା ଖାଲି ପେଟରେ ଟମାଟୋ ଖାଇବା ଦ୍ୱାରା ପେଟ ଏବଂ ଛାତିରେ ଜ୍ୱଳନ ହୋଇଥାଏ।

ପିଜୁଳି:
ପିଜୁଳି ପ୍ରାୟ ଲୋକ ଖାଇଥାନ୍ତି। ମାତ୍ର ଧ୍ୟାନ ରଖିବେ ଖାଲିପେଟରେ ପିଜୁଳି ଆଦୌ ଖାଇବା ଉଚିତ୍ ନୁହେଁ। କାରଣ ଏହାକୁ ଖାଲି ପେଟରେ ଖାଇଲେ ପେଟ ଦରଜ ହେବାର ଯଥେଷ୍ଟ ସମ୍ଭାବନା ଥାଏ।

ଭାରତର ଏହି କୋଣରେ ଅଛି ଯମରାଜଙ୍କ ମନ୍ଦିର: ଯିବାକୁ ଡରନ୍ତି ଲୋକେ

ଭାରତରେ ଅନେକ ଆଶ୍ଚର୍ଯ୍ୟଜନକ ଜିନିଷ ରହିଛି। ଆମ ଦେଶର ହିମାଚଳ ପ୍ରଦେଶରେ ମୃତ୍ୟୁର ଦେବତା ଯମରାଜଙ୍କର ଏକ ଅନନ୍ୟ ମନ୍ଦିର ରହିଛି। ଯେଉଁ ମନ୍ଦିରକୁ ଯିବାକୁ ଲୋକମାନେ ଭୟ କରନ୍ତି। ନିକଟରେ ବିଜେପି ସାଂସଦ ପ୍ରାର୍ଥୀ ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଏହି ମନ୍ଦିରକୁ ଯାଇ ପୂଜା କରି ପ୍ରଣାମ କରିଥିଲେ। ଯମରାଜଙ୍କ ଏହି ମନ୍ଦିର ଅନେକ ରହସ୍ୟ ଘେରରେ ପରିପୂର୍ଣ୍ଣ। କୁହାଯାଏ ଯେ ମୃତ୍ୟୁ ପରେ ଆତ୍ମା ପ୍ରଥମେ ଏହି ମନ୍ଦିରକୁ ଆସେ।

ଏହି ମନ୍ଦିର ହିମାଚଳ ପ୍ରଦେଶର ଚାମ୍ବା ସହର ନିକଟସ୍ଥ ଏକ ଛୋଟ ସହର ଭରମୌରରେ ଅବସ୍ଥିତ। ଯେଉଁଠାରେ ସବୁବେଳେ ବରଫ ଆଚ୍ଛାଦିତ ହୋଇ ରହିଥାଏ। ଦେଖିବାକୁ ବହୁତ ଛୋଟ ଲାଗୁଥିଲେ ବି ମନ୍ଦିରର ମହାତ୍ମ୍ୟ ସାରା ବିଶ୍ୱରେ ବ୍ୟାପିଛି। ଏହି ମନ୍ଦିରକୁ ପ୍ରବେଶ କରିବାକୁ ଅଧିକାଂଶ ଲୋକେ ଭୟ କରନ୍ତି। ଉଚ୍ଚ ପାହାଡ ମଧ୍ୟରେ ଧର୍ମରାଜ ଯମରାଜଙ୍କ ଏହି ମନ୍ଦିର କେବେ, କିଏ ଏବଂ କିପରି ନିର୍ମାଣ କରିଥିଲା ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ। କିନ୍ତୁ ଇତିହାସ କହେ ଯେ ଚାମ୍ବା ରାଜା ଷଷ୍ଠ ଶତାବ୍ଦୀରେ ଏହି ମନ୍ଦିରର ନବୀକରଣ କରିଥିଲେ।



ମନ୍ଦିର ପରିସରରେ ଧର୍ମେଶ୍ୱର ମହାଦେବ ମନ୍ଦିର ରହିଛି। ଯେଉଁଠାରେ ମୃତ୍ୟୁ ପରେ ଆତ୍ମା ଛିଡା ହୁଅନ୍ତି ବୋଲି କୁହାଯାଏ। ନିକଟରେ ଧର୍ମେଶ୍ୱର ମହାଦେବଙ୍କ ମନ୍ଦିର ଅଛି, ଯାହା ବିଭିନ୍ନ ଧାତୁରେ ନିର୍ମିତ ଚାରୋଟି ଅଦୃଶ୍ୟ କବାଟ ଦ୍ୱାରା ସୁରକ୍ଷିତ ବୋଲି କୁହାଯାଏ। ଆତ୍ମାମାନଙ୍କୁ ସେମାନଙ୍କର କାର୍ଯ୍ୟ ଉପରେ ଆଧାର କରି ଏହି ଦ୍ୱାର ଗୁଡିକ ପ୍ରବେଶ କରାନ୍ତି ବୋଲି କୁହାଯାଏ।

ବିଶ୍ୱାସ ରହିଛି ଯେ ଏହି ମନ୍ଦିରଗୁଡିକର ନିର୍ମାଣ ପେଶା ଯାଇଥିବା ଡାଲି ଓ ଲହୁଣିରୁ ନିର୍ମିତ ହୋଇଛି। ନିକଟରେ ଥିବା ଏକ ବନ୍ଦ ଦ୍ୱାର ଗୁପ୍ତ ଗୁମ୍ଫା ଆଡକୁ ଯାଇଥିବା କୁହାଯାଏ। ଅତୀତରେ ଦାବି କରାଯାଉଥିଲା ଯେ ଏହି ଗୁମ୍ଫାକୁ ଯାଉଥିଲେ ସେ ଆଉ ଫେରିନଥିଲେ। ମନ୍ଦିର କର୍ତ୍ତୃପକ୍ଷ ବର୍ତ୍ତମାନ ପ୍ରବେଶ ଦ୍ୱାରକୁ ସବୁବେଳେ ବନ୍ଦ ରଖନ୍ତି। ମଧ୍ୟରାତ୍ରୀରେ ଏହି ମନ୍ଦିର ପରିସରରେ ରହସ୍ୟମୟ ଶବ୍ଦ ଶୁଭୁଥିବା ସ୍ଥାନୀୟ ଲୋକେ ଦାବି କରନ୍ତି।

କାର୍ ମୂଲ୍ୟଠାରୁ ଅଧିକ ବିଶ୍ୱର ସବୁଠୁ ଦାମୀ ନେଲ୍‌ପଲିସ୍‌ର ମୂଲ୍ୟ

ବ୍ଲାକ୍ ଡାଇମଣ୍ଡ୍ ଭାବେ ସୁପରିଚିତ ବିଶ୍ୱର ସବୁଠୁ ବ୍ୟୟବହୁଳ ନେଲ୍ ପଲିସ୍‌ର ମୂଲ୍ୟ ୩ଟି ମର୍ସିଡିଜ୍ କାର୍‌ର ମୂଲ୍ୟଠାରୁ ଅଧିକ। ଅର୍ଥାତ୍ ୧ କୋଟି ଟଙ୍କାରୁ ବେଶୀ ବୋଲି ଡିଏନ୍‌ଏ ରିପୋର୍ଟରେ ଉଲ୍ଲେଖ ଅଛି । ଲସ୍ ଏଞ୍ଜେଲସ୍‌ର ଡିଜାଇନର୍ ଏଜେଚର୍ ପଗୋସିଆନ୍ ନାମରେ ଜଣେ ଡିଜାଇନର୍‌ଙ୍କଦ୍ୱାରା ପ୍ରସ୍ତୁତ ବିଶ୍ୱର ସବୁଠୁ ବ୍ୟୟବହୁଳ ବୋଲି କୁହାଯାଉଥିବା ଏହି ନେଲ୍ ପଲିସ୍‌ର ନାଁ ହେଉଛି ଏଜେଚର୍। ବିଳାସମୟ ସାମଗ୍ରୀ ପାଇଁ ପଗୋସିଆନ୍ ସମଗ୍ର ବିଶ୍ୱରେ ସୁପରିଚିତ।

ଏଜେଚର୍ କହନ୍ତି, କଳାହୀରା ହେଉଛି ସବୁଠୁ ସୁନ୍ଦର ରତ୍ନ। ଦିନେ ମୁଁ ଭାବିଲି, ଏହାକୁ ନଖରେ ପ୍ରଦର୍ଶନ କରା ନ ଯିବ କାହିଁକି? ତେଣୁ, ଏଥିପ୍ରତି ଧ୍ୟାନ ଦେଇ ମୁଁ ବ୍ଲାକ୍ ଡାଇମଣ୍ଡ୍ ନେଲ୍ ପଲିସ ପ୍ରସ୍ତୁତ କଲି। ଏହା ଠିକ୍ ଗହଣା ପରି ଚମତ୍କାର। ଦୂରରୁ ଏହି ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ ପରି ଦେଖାଯାଉଥିଲେ ବି ପାଖକୁ ଆସି ଦେଖିଲେ ଜଣାପଡ଼ିବ ଏଥିର ଲୁଚି ରହିଛି ୨୬୭ କ୍ୟାରେଟ୍ କଳା ହୀରା। ଯାହାର ମୂଲ୍ୟ ୧,୬୩,୬୬,୦୦୦ ଟଙ୍କା ୧୪.୭ ମିଲିମିଟର୍ ବିଶିଷ୍ଟ। ଏହି ବିଳାସମୟ ନେଲ୍ ପଲିସ୍‌ରେ ମିଶିଛି ଖଣ୍ଡେ କଳାହୀରା। ଗୋଟିଏ ଶିଶି ନେଲ୍ ପଲିସ୍‌ର ମୂଲ୍ୟ ହେଉଛି ୧,୫୯,୮୩,୭୫୦ ଟଙ୍କା। ସୂଚନାଯୋଗ୍ୟ, ଏତିକି ଅର୍ଥ ବିନିମୟରେ ୩ଟି ମର୍ସିଡିଜ୍-ବେଞ୍ଜ୍ ଜିଏଲ୍‌ଏ କାର୍ କିଣାଯାଇ ପାରିବ। ଏହି କାର୍ ଗୋଟିକର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା।

ପ୍ରାପ୍ତ ସୂଚନା ଅନୁସାରେ, ଏ ପର୍ଯ୍ୟନ୍ତ ମାତ୍ର ୨୫ଜଣ ଲୋକ ଏହି ବ୍ଲାକ୍ ଡାଇମଣ୍ଡ୍ ବା କଳାହୀରା ମିଶ୍ରିତ ନେଲ୍ ପଲିସ୍ କିଣିଛନ୍ତି।

ମୌସୁମୀ ରତୁରେ ଡାଳିମ୍ବ ଦୂର କରେ ରକ୍ତହୀନତା

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ।ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। **ସେଓ ରସ:** ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖା

ରୌପ୍ୟ ପଦକ ଜିତିଲା ଜାତୀୟ ସବ୍ ଜୁନିଅର ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍

ଗୁଜୁରାଟ

୨୯ତମ ଜାତୀୟ ସବ୍ ଜୁନିଅର ଟେନିସ୍ ବଲ୍ କ୍ରିକେଟ ଚମ୍ପିୟନସିପ୍ ୨୫ ମେ'ରୁ ଆରମ୍ଭ ହୋଇ ୨୮ ମେ' ୨୦୨୪ ପର୍ଯ୍ୟନ୍ତ ଗୁଜୁରାଟ୍‌ର ଅହମଦାବାଦ ଠାରେ ଆୟୋଜିତ ହୋଇଥିବା ୨୯ତମ ଜାତୀୟ ସବ୍ ଜୁନିଅର ଟେନିସ୍ ବଲ୍ କ୍ରିକେଟ ଚମ୍ପିଅନସିପ୍‌ରେ ୩୦ଟି ରାଜ୍ୟ ଅଂଶ ଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଦଳ ପ୍ରଥମ ଲିଗ୍ ମ୍ୟାଚ୍‌ରେ ଦମନଦୀଉ ସହିତ ଖେଳି ଦମନଦୀଉକୁ ୭୯ରେ ପରାସ୍ତ କରି ଦ୍ୱିତୀୟ ଲିଗ୍‌ରେ ମୁମ୍ବାଇ ସହିତ ଖେଳି ୫୨ ରନରେ ମୁମ୍ବାଇକୁ ହରାଇ ପ୍ରିକ୍ୱାର୍ଟରରେ ଓଡ଼ିଶା ଦଳ ସିବିଏସଇ ସହିତ ଖେଳି ୩୨ ରନରେ ହରାଇ କ୍ୱାର୍ଟର ଫାଇନାଲରେ ଗୁଜୁରାଟ୍‌କୁ ୪୬ ରନରେ ହରାଇ ସେମିଫାଇନାଲରେ ପୂର୍ବାଞ୍ଚଳ ଦଳକୁ ୫୦ ରନ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଉତ୍ତର ପ୍ରଦେଶ ଠାରୁ ୬ ରନ୍‌ରେ ପରାସ୍ତ ହୋଇଥିଲା। ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଦଳର କୋଚ୍ ରଞ୍ଜନ ନାୟକ ଏବଂ ମ୍ୟାନେଜେର ଟି. ଦିଲେଶ୍ୱର ରାଓଙ୍କୁ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ଶିଥିଲ କୁମାର ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡ଼ା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

କେକେଆର୍ ଛାଡ଼ି ଟିମ୍ ଇଣ୍ଡିଆ ହେଡ୍ କୋଚ୍ ହେବାକୁ ରାଜି ହେଲେ ଗମ୍ଭୀର

ନୂଆଦିଲ୍ଲୀ

ଟିମ୍ ଇଣ୍ଡିଆର ଆଗାମୀ ମୁଖ୍ୟ କୋଚ୍ କିଏ ହେବ? ଏହି ପ୍ରଶ୍ନର ଉତ୍ତର ବୋଧହୁଏ ମିଳିସାରିଛି। କାରଣ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଗୌତମ ଗମ୍ଭୀର ଏହି ଦାୟିତ୍ୱ ତୁଲାଇବା ଲାଗି ସହମତି ପ୍ରକାଶ କରିଛନ୍ତି। ଏଣୁ ରାହୁଲ ଦ୍ରାବିଡ଼ଙ୍କ ପରେ ଗମ୍ଭୀର ହିଁ ହେଡ୍ କୋଚ୍ ହେବେ। ବିସିସିଆଇ ଏବଂ ତାଙ୍କ ମଧ୍ୟରେ ଚୁକ୍ତି ହୋଇସାରିଛି। ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ।

ଆଇପିଏଲ୍ ୨୦୨୪ର ଫାଇନାଲ ମେ' ୨୬ରେ ଖେଳାଯିବ। ମେ' ୨୭ରେ ଏହି ପଦ ପାଇଁ ଆବେଦନ କରିବାର ଅନ୍ତିମ ତାରିଖ ଥିଲା। ଆଇପିଏଲ ମ୍ୟାଚ୍ ଫାଇନାଲ ପରେ ତୁରନ୍ତ ବିସିସିଆଇ ସଚିବ ଜୟ ଶାହା ଗମ୍ଭୀରଙ୍କୁ ଭେଟିଥିଲେ। ଉଭୟ ଦୀର୍ଘ ସମୟ ଧରି ଆଲୋଚନା



କରୁଥିବା ଦେଖାଯାଇଥିଲା। ତେବେ ଏଯାଏଁ ଏହି ପଦ ଲାଗି ଗମ୍ଭୀର ଆବେଦନ କରିଛନ୍ତି କି ନାହିଁ ଜଣାପଡ଼ି ନ ଥିଲେ ହେଁ ବିସିସିଆଇ ତାଙ୍କୁ ହେଡ୍ କୋଚ୍ କରିବାକୁ ଚାହାନ୍ତି। ଗମ୍ଭୀର ମଧ୍ୟ ଏଥିଲାଗି ସହମତି ପ୍ରକାଶ କରିଛନ୍ତି।

କ୍ରିକ୍‌ବଜ୍‌ର ରିପୋର୍ଟ ମୁତାବକ, ଗମ୍ଭୀର ଦେଶ ପାଇଁ ଟିମ୍ ଇଣ୍ଡିଆର କୋଚ୍ ହେବାକୁ ରାଜି ହୋଇଛନ୍ତି। ସେ ଜଣେ ବଡ଼ ଦେଶଭକ୍ତ। ଏହି କାରଣରୁ ଦୀର୍ଘ ସାଢେ ୩ ବର୍ଷ ଧରି ସେ ଏହି ଦାୟିତ୍ୱ ତୁଲାଇବାକୁ ହଁ ଭରିଛନ୍ତି। ଯଦି ସେ ଏହି ଦାୟିତ୍ୱ ତୁଲାନ୍ତି ତେବେ ତାଙ୍କୁ କେକେଆର୍ ଛାଡ଼ିବାକୁ ହେବ। ହେଲେ ସେ ଯେବେ ବି ଫେରିବେ ଫ୍ରାଞ୍ଚାଇଜ୍ ତାଙ୍କୁ ସ୍ୱାଗତ କରିବ ବୋଲି କୁହାଯାଉଛି। ତେବେ ଏସବୁ ଆଲୋଚନା କିଛି ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ।

ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଡିଜେ ନାଇଟ୍ ଓ ଷ୍ଟେଜ୍ ସୋ'

ନୂଆଦିଲ୍ଲୀ

ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆରମ୍ଭ ହେବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌କୁ ଉପଭୋଗ କରିବା ପାଇଁ ଆଇସିସି ପକ୍ଷରୁ ଏଥର ରେକର୍ଡ ସଂଖ୍ୟକ ଫ୍ୟାନ୍ ପାର୍କ ଖୋଲାଯିବାକୁ ଘୋଷଣା କରାଯାଇଛି। ୫ଟି ଦେଶର ୯ଟି ସ୍ଥାନରେ ଖେଳର ସିଧାପ୍ରସାରଣ କରାଯିବା ସହ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଧ୍ୟାନ ରଖାଯାଇଛି। ଏହାକୁ ବିଶ୍ୱକପ୍ ଇତିହାସରେ ସବୁଠୁ ବଡ଼ କ୍ରିକେଟ୍ ମହୋତ୍ସବ ହେବାକୁ ଯାଉଥିବା ଆଇସିସି କହିଛି। ନ୍ୟୁୟର୍କ ସିଟି, ନୂଆଦିଲ୍ଲୀ ଓ ରାଓ୍ୱଲପିଣ୍ଡିରେ ମୋଟ୍ ୨୨ ବିଶ୍ୱକପ୍ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଏହି ପାର୍କଗୁଡ଼ିକରେ ଡିଜେ କାର୍ଯ୍ୟକ୍ରମ ସହିତ ଖାଦ୍ୟ ଓ ପାନୀୟ ଆଉଟ୍‌ଲେଟ୍, କ୍ରିକେଟ୍ ଆମ୍ବାସଡର ଓ ପାରିବାରିକ କାର୍ଯ୍ୟକଳାପ ଇତ୍ୟାଦି ରହିବ।

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଖୋଲାଯାଉଥିବା ଫ୍ୟାନ୍ ପାର୍କରେ କେବଳ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ସିଧାପ୍ରସାରଣ କରାଯିବ। ଏହି ଦିନ ଇନ୍‌ଡୋର ଷ୍ଟାଡିୟମ୍ ଭିତରେ ଅକାସା ସିଂହ, ପରମିଶ ବର୍ମା, ରଫ୍‌ତାର ଓ ଜାକିର ଖାନ୍ ଷ୍ଟେଜ୍ ସୋ କରିବେ। ଦର୍ଶକମାନଙ୍କ ପାଇଁ ମ୍ୟାଚ୍ ଦେଖିବାକୁ ହେଲେ ୯୯୯ ଟଙ୍କାରୁ ଆରମ୍ଭ କରି ୩୯୯୯ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦର ରଖାଯାଇଛି। ନ୍ୟୁୟର୍କ ସିଟିର ଓକୁଲସ୍ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍, ଏପିକ୍ ସେଣ୍ଟ୍ରାଲ୍, ବ୍ରୋଓ୍ୱାର୍ଡ କାଉଣ୍ଟି ଷ୍ଟାଡିୟମ୍, ଦକ୍ଷିଣ ଆଫ୍ରିକାର ଡିପି ୱାର୍ଲ୍ଡ ୱାଣ୍ଡରର୍ସ ଷ୍ଟାଡିୟମ୍, ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ କ୍ରିକେଟ୍ ଷ୍ଟାଡିୟମ୍, ପାକିସ୍ତାନର ରାଓ୍ୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଫ୍ୟାନ୍ ପାର୍କ ଖୋଲାଯିବ। ବିଶେଷ କରି ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌କୁ ସବୁଠୁ ଅଧିକ ୭ଟି ଫ୍ୟାନ୍ ପାର୍କରେ ପ୍ରସାରଣ କରାଯିବ।

ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପାଇଁ ବିସିସିଆଇରେ ପହଞ୍ଚିଲା ୩୪୦୦ ଫେକ୍ ଆବେଦନପତ୍ର

ନୂଆଦିଲ୍ଲୀ

ଟି-୨୦ ବିଶ୍ୱକପ ପରେ ଭାରତୀୟ କ୍ରିକେଟ ଟିମ୍‌କୁ ନୂଆ ମୁଖ୍ୟ କୋଚ୍ ମିଳିବେ। ଏଥିପାଇଁ ବିସିସିଆଇ ଦରଖାସ୍ତ ଆହ୍ୱାନ କରିଥିଲା। ୨୭ ତାରିଖରୁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି।

ତେବେ ବିସିସିଆଇକୁ ଏହି ସମୟସୀମା ମଧ୍ୟରେ ୩୪୦୦ଟି ନକଲି ଆବେଦନପତ୍ର ମିଳିଛି। ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ହେବା ପାଇଁ ନରେନ୍ଦ୍ର ମୋଦି, ଅମିତ ଶାହ ଓ ଶାହରୁଖ ଖାନ୍‌ଙ୍କ ଭଳି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାଁରେ ନକଲି ଆବେଦନପତ୍ର ମଧ୍ୟ ଦାଖଲ କରାଯାଇଛି। ୨୭ ତାରିଖରେ ଆବେଦନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବିସିସିଆଇ ଏବେ ସେଗୁଡ଼ିକୁ ଯାଞ୍ଚ କରୁଛି। ଯାଞ୍ଚ ବେଳେ ବିସିସିଆଇ ନକଲି ଆବେଦନପତ୍ର ସମ୍ପର୍କରେ ତଥ୍ୟ ପାଇଛି।

ବିସିସିଆଇକୁ ନରେନ୍ଦ୍ର ମୋଦି,

ଅମିତ ଶାହ, ବୀରେନ୍ଦ୍ର ସେହ୍ୱାଗ, ଶାହରୁଖ ଖାନ, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂହ ଧୋନି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାଁରେ ଆବେଦନପତ୍ର ଆସିଛି। ଏଭଳି ପ୍ରାୟ ୩୪୦୦ଟି ଫେକ୍ ଆବେଦନପତ୍ର ବିସିସିଆଇ ପାଖରେ ପହଞ୍ଚିଛି। ତେବେ ଏପରି ନକଲି ଆବେଦନପତ୍ର ବିସିସିଆଇ ପାଇଁ ନୂଆ ନୁହେଁ। କାରଣ ପୂର୍ବରୁ ମଧ୍ୟ ଏପରି ଶହଶହ ନକଲି ଆବେଦନପତ୍ର ସଂସ୍ଥା ପାଖକୁ ଆସିବାର ନଜିର ରହିଛି। ବିସିସିଆଇ କହିଛି ଯେ ବାରମ୍ବାର ନକଲି ଆବେଦନପତ୍ର ଆସୁଥିବାରୁ ଏଥିରୁ ମୁକୁଳିବା ପାଇଁ ଆସନ୍ତା ଥର ନୂଆ ପଦକ୍ଷେପ ଗ୍ରହଣ କରାଯିବ।

ନୂଆ ବ୍ୟବସ୍ଥା ଦ୍ୱାରା ଆବେଦନପତ୍ର ଆହ୍ୱାନ କରାଯିବ। ଏହାଦ୍ୱାରା ନକଲି ଆବେଦନକାରୀଙ୍କ ସଂଖ୍ୟା ହ୍ରାସ ପାଇବ। ଆବେଦନ ପ୍ରକ୍ରିୟା ପବ୍ଲିକ୍ ଡୋମେନରେ ରହୁଥିବାରୁ ଫ୍ୟାନ୍ସ ଓ ଅନେକ ଲୋକ ଫର୍ମକୁ ସହଜରେ ହାସଲ କରିପାରୁଛନ୍ତି। ତେଣୁ ଏପରି ଘଟଣା ଘଟିଥିବା ବିସିସିଆଇ ପକ୍ଷରୁ କୁହାଯାଇଛି।

ସ୍ୱିଟେକ୍, ଜାବେରଙ୍କ ସହଜ ବିଜୟ

ପ୍ୟାରିସ୍

ଟପ୍ ସିଡ୍ ଇଗା ସ୍ୱିଟେକ ଓ ୮ମ ସିଡ୍ ଓନ୍ସ ଜାବେର ପ୍ରମୁଖ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡକୁ ସହଜରେ ଅତିକ୍ରମ କରିଛନ୍ତି। ତେବେ ପୁରୁଷ ବିଭାଗର ଅନେକ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ପୋଲାଣ୍ଡର ସ୍ୱିଟେକ ପ୍ରଥମ ରାଉଣ୍ଡରେ ଅଣସିଡେଡ୍ ଫ୍ରାନ୍ସର ଲୌଲିଆ ଜିନ୍‌ଜିନ୍‌ଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଟ୍ୟୁନୁସିଆର ଓନ୍ସ ଜାବେର ୬-୩, ୬-୨ ସେଟ୍‌ରେ ଅଣସିଡେଡ୍ ଆମେରିକାର ସାଚିଆ ଭିକେରୀଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆନାସ୍ତାସିଆ ପୋଟାପୋଭା ୬-୨, ୬-୩ରେ କାମିଲା ରାମୋଭା, ୧୭ଶ ସିଡ୍ ଲ୍ୟୁଡମିଲା ସାମସୋନୋଭା ୬-୧, ୬-୧ରେ ମାଗ୍‌ଦା ଲିନେଟ, ହିଲି ବାପ୍ଟିଷ୍ଟେ ୪-୬, ୬-୨, ୬-୨ରେ କାୟଲା ଡେଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ସେହିପରି ଦ୍ୱାଦଶ ସିଡ୍ ଜସମିନ ପାଓଲିନି ୬-୩, ୬-୪ରେ ଡାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି। ୫ମ ସିଡ୍ ମାର୍କେଟା ଭନ୍ଦ୍ରୋସୋଭା ୬-୧, ୬-୩ରେ ରିବେକା ମାସାରୋଭାଙ୍କୁ, କାଟେ ଭଲିନେଟ୍ସ ୭-୬ (୭/୪), ୬-୨ ସେଟ୍‌ରେ ଆଲେକସାଣ୍ଡ୍ରା କ୍ରୁନିକ, ୱାଙ୍ଗ ଜିନ୍‌ୟୁ ୦-୬, ୬-୨, ୬-୪ରେ ଜୁଲି ନିଏମେରଙ୍କୁ ଏବଂ ଓଲଗା ଡୋନିଲୋଭିଚ୍ ୬-୧, ୬-୨ରେ ମାର୍ଟିନା ଟ୍ରେଭିସାନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଜାନିକ ସିନର ସିଧାସଳଖ ୬-୩, ୬-୩, ୬-୪ରେ ଖ୍ରିଷ୍ଟୋଫର ଇଉବ୍ୟାଙ୍କ୍‌ସଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ୯ମ ସିଡ୍ ଷ୍ଟିଫାନୋସ ସିଟ୍‌ସିପାସ ପ୍ରଥମ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ମାର୍ଟିନ ଫୁକ୍‌ସୋଭିକ୍ସଙ୍କୁ ୭-୬ (୯/୭), ୬-୪, ୬-୧ ସେଟ୍‌ରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ କଓ୍ୱୋନ୍ ସୁନ୍-ଉ ୬-୩, ୬-୪, ୬-୩ରେ ଇମିଲ ରୁସୁଭୁରିଙ୍କୁ, ୧୫ଶ ସିଡ୍ ବେନ୍ ସିଲଟନ ୩-୬, ୬-୩, ୬-୪, ୬-୪ରେ ହ୍ୟୁଗୋ ଗଷ୍ଟନଙ୍କୁ ଏବଂ ୨୧ତମ ସିଡ୍ ଫେଲିକ୍ସ ଅଗେର ଆଲିସାମି ୬-୨, ୬-୪, ୬-୪ ସେଟ୍‌ରେ ଯୋଶିହିତୋ ନିଶିଓକାଙ୍କୁ ହରାଇ ଦେଇଛନ୍ତି।

ଆନ୍ତଃ ଜିଲା ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚମ୍ପିଅନସିପ୍ : କିସ୍ ଚମ୍ପିଅନ

ଭୁବନେଶ୍ୱର

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ (ଓର୍‌ଫା) ଆନୁକୂଲ୍ୟରେ କିଟ୍ ରଗ୍‌ବୀ ଷ୍ଟାଡିୟମରେ ଆନ୍ତଃ ଜିଲା ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଦଳ ଚମ୍ପିୟନ ଏବଂ ଜଗତ୍‌ସିଂହପୁର ରନରଅପ୍ ହୋଇଛି। କେନ୍ଦୁଝର ଜିଲ୍ଲା ଦଳକୁ ତୃତୀୟ ସ୍ଥାନ ମିଳିଛି। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କୃତୀ ଦଳର

ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅଷ୍ଟ୍ରେଲିଆରେ ଖେଳାଳି ଅଭାବ

ମେଲବୋର୍ଣ୍ଣ

ଆସନ୍ତା ମାସରେ ହେବାକୁଥିବା ଟି-୨୦ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆର ୱାର୍ମଅପ୍ ମ୍ୟାଚ୍ ବେଳେ ଦଳରେ ଖେଳାଳି ଅଭାବ ପରିଲକ୍ଷିତ ହେବ। ତେଣୁ ଦଳ ସପୋର୍ଟ ଷ୍ଟାଫ୍‌ଙ୍କୁ ଫିଲ୍ଡର ଭାବେ ବ୍ୟବହାର କରିବାକୁ ବାଧ୍ୟ ହୋଇପାରେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବଂ ଆଇସିସି ଇଭେଣ୍ଟ ମଧ୍ୟରେ ସମୟ ବ୍ୟବଧାନ କମ୍ ରହିଥିବାରୁ ଏହି ପରିସ୍ଥିତି ଉପୁଜିଛି। ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲିଆ ଖେଳାଳିମାନେ ପ୍ଲେ-ଅଫ୍ ପରେ ସାମୟିକ ଛୁଟିରେ ସ୍ୱଦେଶ ଫେରିଯାଇଛନ୍ତି। ଦୁଇଟି ୱାର୍ମଅପ୍ ମ୍ୟାଚ ପାଇଁ ସମ୍ଭବତଃ ୮ଜଣ ଖେଳାଳି ଉପଲବ୍ଧ ହୋଇପାରନ୍ତି। ଅଧିନାୟକ ମିଚେଲ ମାର୍ଶ ନାମିଆ ବିପକ୍ଷ ମ୍ୟାଚ ଖେଳିବେ କି ନା ତାହା ସ୍ପଷ୍ଟ ହୋଇ ନାହିଁ। ସେ ହାମଷ୍ଟ୍ରିଙ୍ଗ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଛନ୍ତି କି ନା ତାହା ଜଣାପଡ଼ି ନାହିଁ। ରବିବାର ରାତିରେ କୋଲକାତା ନାଇଟ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଆଇପିଏଲ୍ ଫାଇନାଲ ଖେଳାଯାଇଥିଲା। ଏହି ଦୁଇଟି ଦଳରେ ଅଷ୍ଟ୍ରେଲିଆର ୩ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଟ୍ରାଭିସ ହେଡ୍, ପ୍ୟାଟ କୁମିନ୍ସ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ ମିଚେଲ ଷ୍ଟାର୍କ ଏହି ୩ ଜଣଙ୍କ ବ୍ୟତୀତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଂଶ ବିଶେଷ ଥିବା କାମେରନ ଗ୍ରୀନ୍ ଓ ଗ୍ଲେନ ମାକ୍ସୱେଲ ସପ୍ତାହ ଶେଷର ବାର୍ବାଡୋସଠାରେ ଦଳ ସହିତ ଯୋଗ ଦେବେ। ଅନ୍ୟପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ତରଫରୁ ଖେଳିଥିବା ମାର୍କସ ଷ୍ଟୋଇନିସ ନାମିଆ ବିପକ୍ଷ ଅଭ୍ୟାସ ମ୍ୟାଚ୍ ପରେ ତ୍ରିନିଦାଦରେ ପହଞ୍ଚବେ ରିଜର୍ଭ ଖେଳାଳି ଜେକ୍ ଫ୍ରେଜର-ମ୍ୟାକ୍‌ଗୁକ୍ ଜୁନ୍ ୫ରେ ଓମାନ ବିପକ୍ଷରେ ପ୍ରଥମ ମ୍ୟାଚ ପରେ ଦଳରେ ଯୋଗ ଦେବେ ଆଇପିଏଲ୍‌ରେ ବହୁ ଦିନ ଧରି ଖେଳିବା ପରେ ସେମାନେ କ୍ଲାନ୍ତ ହୋଇପଡ଼ିଛନ୍ତି। ସେମାନଙ୍କୁ ଆଗକୁ ଟି୨୦ ବିଶ୍ୱକପ୍‌ରେ ମଧ୍ୟ ବହୁ ମ୍ୟାଚ୍ ଖେଳିବାକୁ ହେବ। ତେଣୁ ଏହା ମଧ୍ୟରେ ସେମାନେ ପରିବାର ସହିତ କିଛି ସମୟ ବିତାଇ ସତେଜ ହେବାକୁ ଚାହୁଁଛନ୍ତି। ଆଇସିସି ନିୟମାନୁସାରେ ୱାର୍ମଅପ୍ ମ୍ୟାଚଗୁଡ଼ିକରେ ପଡ଼ିଆକୁ ଓହ୍ଲାଉଥିବା ଖେଳାଳିମାନେ ପ୍ରତିନିଧିତ୍ୱ କରୁଥିବା ଦେଶର ହେବା ଆବଶ୍ୟକ ଅର୍ଥାତ୍ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ, ବ୍ରାଡ୍ ହଜ୍, ଜର୍ଜ ବେଲି (ସମସ୍ତେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର)ଙ୍କ ଭଳି ସପୋର୍ଟ ଷ୍ଟାଫ୍ ଏବଂ ଆଣ୍ଡ୍ରେ ବୋରୋଭେକ୍‌ଙ୍କୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିପାରେ।

ନ୍ୟୁୟର୍କରେ ପହଞ୍ଚିଲା ଭାରତୀୟ ଦଳ

ନ୍ୟୁୟର୍କ

ବିଶ୍ୱକପ୍ ପାଇଁ ପ୍ରଥମ ପର୍ଯ୍ୟାୟରେ ଯାଇଥିବା ଭାରତୀୟ ଦଳ ନ୍ୟୁୟର୍କରେ ପହଞ୍ଚିଛି। ପହଞ୍ଚିବାର କିଛି ଫଟୋକୁ ବିସିସିଆଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରିଛି ଭାରତୀୟ ଦଳ। ଜୁନ୍ ୫ ତାରିଖରେ ଆୟର୍ଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ନୂତନ ଭାବେ ନିର୍ମିତ ହୋଇଥିବା ନସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ୯ ତାରିଖରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ ଖେଳିବା ପରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୧୨ ତାରିଖରେ ଆମେରିକା ଓ ୧୫ ତାରିଖରେ କାନାଡ଼ା ସହିତ ଗ୍ରୁପ୍ ଏ ମ୍ୟାଚ୍‌ଗୁଡ଼ିକ ଖେଳିବ। ଭାରତ ୨୦୦୭ ଉଦ୍‌ଘାଟନୀ ସଂସ୍କରଣରେ ବିଜେତା ହେବା ପରଠୁ ଆଉ ଏହି ଫର୍ମାଟ ବିଶ୍ୱକପ୍ ଜିତିପାରି ନାହିଁ। ଏବେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍

ପାଇଁ ଭାରତ ପ୍ରଥମ ଦାବିଦାର ରହିଛି।

ଆସନ୍ତା ସପ୍ତାହରୁ ଆରମ୍ଭ ହେଉଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଅଭ୍ୟାସ ମ୍ୟାଚ୍‌ରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିପାରେ। ଅଷ୍ଟ୍ରେଲିଆର ସମସ୍ତ ଖେଳାଳିମାନେ ତ୍ରିନିଦାଦ୍‌ରେ ପହଞ୍ଚିନାହାନ୍ତି। ଆଇପିଏଲ୍ ରବିବାର ଶେଷ ହୋଇଥିଲା ବେଳେ ଟ୍ରାଭିସ୍ ହେଡ୍, ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଏଥିରେ ଖେଳୁଥିଲେ। ତେଣୁ ସେମାନଙ୍କୁ ବିଶ୍ରାମ ଦେବା ପାଇଁ କ୍ରିକେଟ୍ ଅଷ୍ଟ୍ରେଲିଆ ସ୍ଥିର କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରେ ଥିବା କାମେରନ୍ ଗ୍ରିନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ୍ ବିଶ୍ୱକପ୍ ଦଳରେ ଯୋଗଦେଇଛନ୍ତି। ତେଣୁ ଅଭ୍ୟାସ ମ୍ୟାଚ୍‌ଗୁଡ଼ିକରେ ଦଳର ସହାୟକ କର୍ମଚାରୀମାନେ କ୍ଷେତ୍ରରକ୍ଷଣ କରିବେ ବୋଲି କୁହାଯାଉଛି। ସହାୟକଙ୍କ ମଧ୍ୟରେ ପୂର୍ବତନ କ୍ରିକେଟର୍

30 YEARS
ସମୟ କହିଲା
ଭୁବନେଶ୍ୱର, ୨୯ ମଇ ୨୦୨୪ ବୁଧବାର

ଯାଜପୁର ଜିଲ୍ଲାରେ ୮୫+ବୃଦ୍ଧ ବୃଦ୍ଧା ଏବଂ ଦିବ୍ୟାଙ୍ଗ ଭୋଟର ହୋମ୍ ଭୋଟିଂରେ ସାମିଲ

ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଭାରତର ନିର୍ବାଚନ କମିଶନ ୨୦୨୪ ଏକ କାଳୀନ ଲୋକସଭା ଏବଂ ରାଜ୍ୟ ବିଧାନସଭା ସାଧାରଣ ନିର୍ବାଚନ ନିମନ୍ତେ ଭାରତ ଭଳି ବିଶାଳ ଗଣତନ୍ତ୍ର ରାଷ୍ଟ୍ରରେ ହୋମ ଭୋଟିଂର ବ୍ୟବସ୍ଥା ଲାଗୁକରି ଗଣତନ୍ତ୍ରର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ଲକ୍ଷ୍ୟ ନେଇ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାଦ୍ୱାରା ୮୫ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଏବଂ ଭିତ୍ତକ୍ଷମ ଭୋଟର ଯେଉଁମାନେ ବୁଥ୍‌କୁ ଆସି ଭୋଟ ଦେବା ସମ୍ଭବପର ହେଉନଥିଲା ଆଜି ସେମାନେ ନିର୍ବାଚନ କମିଶନଙ୍କ ଏଭଳି ପଦକ୍ଷେପ ସେମାନଙ୍କୁ ଲୋକତନ୍ତ୍ରରେ ସାମିଲ କରି ସେମାନଙ୍କର ମତଦାନ ସାବ୍ୟସ୍ତ କରିବା ମୌଳିକ ଅଧିକାରକୁ ସମ୍ମାନ ମିଳିପାରିଛି ବୋଲି ଆନନ୍ଦରେ ସେମାନେ ନିଜର ଭୋଟ୍ ଦେଇ ଗର୍ବ ଅନୁଭବ କରୁଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ନିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ନିର୍ଦ୍ଦେଶରେ ଜିଲ୍ଲାରେ ୭ ଗୋଟି ବିଧାନ ସଭା ଆସନ ପାଇଁ ନିଯୁକ୍ତ ସମସ୍ତ ଅଧିକାରୀ କର୍ମଚାରୀ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପ୍ରତିନିଧି ସମସ୍ତଙ୍କ ସହଯୋଗରେ ମଙ୍ଗଳବାର ୮୮ ଜଣ ଦିବ୍ୟାଙ୍ଗ ଏବଂ ୨୩୪ ଜଣ ୮୫+ ବୟସର ଭୋଟର ନିଜ ନିଜର ମତଦାନ ଘରେ ସାବ୍ୟସ୍ତ କରି ଜିଲ୍ଲାର ମତଦାନ ହାର ଶତକଡ଼ା ୯୩ ରହିଥିବା ବେଳେ ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପରିଚାଳନା ପାଇଁ ମତଦାନ ହାର ୯୮.୧୮ ଶତକଡା ରହିଛି ।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱର ଓ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ବିଭାଗ ତରଫରୁ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନା ରାଲି ଆୟୋଜନ କରାଯାଇଥିଲା । ଦ୍ୱିତୀୟାର୍ଦ୍ଧରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସିଜୋଫ୍ରେନିଆ ପରି ମାନସିକ ବ୍ୟାଧି ସହିତ ଲଢିବା ପାଇଁ ସମସ୍ତଙ୍କର ସାମାଜିକ ଦାୟିତ୍ୱବୋଧ ରହିଛି ବୋଲି କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ (ଇନ୍‌ଚାର୍ଜ) ପ୍ରଫେସର (ଡାକ୍ତର) ରଚିତା ଷଡ଼ଙ୍ଗୀ ଏହି ରୋଗ ସହିତ ଜଡ଼ିତ ଅନ୍ଧବିଶ୍ୱାସ ତଥା ସାଧାରଣ ଜନତାଙ୍କ ମନରେ ଥିବା ରୋଗ ସମ୍ବନ୍ଧୀୟ ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟିର ଜେନେରାଲ୍ ସେକ୍ରେଟାରୀ ପ୍ରଫେସର (ଡାକ୍ତର) ଅମ୍ରିତ ପଟ୍ଟଯୋଶୀ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ସାଇକିଆଟ୍ରି ବିଭାଗକୁ ପ୍ରଶଂସା କରି ଏହା ପୂର୍ବ ଭାରତର ଅନ୍ୟତମ ଶ୍ରେଷ୍ଠ ମାନସିକ ଚିକିତ୍ସା ବିଭାଗ ବୋଲି ମତ ରଖିଥିଲେ । ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟି (ଓଡ଼ିଶା ରାଜ୍ୟ ଶାଖା)ର ସଭାପତି ପ୍ରଫେସର (ଡାକ୍ତର) ରଜନୀକାନ୍ତ ଶୁକ୍ଳା ତଥା ଜେନେରାଲ୍ ସେକ୍ରେଟାରୀ ଡାକ୍ତର ଦେବଦତ୍ତା ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସିଜୋଫ୍ରେନିଆ ଜନିତ ସାମାଜିକ ଦାୟିତ୍ୱବୋଧ ସମ୍ବନ୍ଧରେ ଆଲୋକପାତ କରିଥିଲେ । ମାନସିକ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରଜିତ ସାହୁ କହିଥିଲେ ଯେ ସମ୍ ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗ ନିରନ୍ତର ଭାବରେ ସାଧାରଣ ଜନତାଙ୍କ ପାଇଁ ଉନ୍ନତରୁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରି ଲୋକଙ୍କ ମନରେ ଭରସା ଯୋଗାଇ ପାରିଛି । ପ୍ରଫେସର (ଡାକ୍ତର) ଶୁଭେନ୍ଦୁ ନାରାୟଣ ମିଶ୍ର ମାନସିକ ରୋଗ ଓ ତା'ର ଚିକିତ୍ସା କ୍ଷେତ୍ରରେ ନୂତନ ବୈଷୟିକ ବିଦ୍ୟା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଆଣିବ ବୋଲି ପ୍ରକାଶ କରିଥିଲେ । ଡାକ୍ତର ରାକେଶ ମହାନ୍ତି, ଡାକ୍ତର ସୌମ୍ୟରଂଜନ ଦାଶ, ଡାକ୍ତର ଜିତେନ୍ଦ୍ରୀୟ ବିଶ୍ୱାଳ ଓ ସୁଶ୍ରୀ ମନିଷା ପଟ୍ଟନାୟକ ସିଜୋଫ୍ରେନିଆ ରୋଗର ବିଭିନ୍ନ ଦିଗ ଓ ତା'ର ସାମାଜିକ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତି ମିଶ୍ର ଏହି କ୍ଷେତ୍ରରେ ନର୍ସିଂ କର୍ମୀଙ୍କ ଯୋଗଦାନ ବିଷୟରେ କହିଥିଲେ । ଏହି ସଚେତନତା କାଯ୍ୟକ୍ରମରେ ସାଇକିଆଟ୍ରି ବିଭାଗର ଡାକ୍ତର ସ୍ନେହାଂଶୁ ଦେ, ଡାକ୍ତର ଅମୀୟ କୃଷ୍ଣ ସାହୁ, ଡାକ୍ତର ଲଗ୍ନଜିତ ଦାଶ, ଡାକ୍ତର ହିରଣ୍ମୟ ମହାପାତ୍ର, ଡାକ୍ତର କିର୍ତ୍ତୀ ଅନୁରାଗ, ଡାକ୍ତର ନିର୍ଲୀପ୍ତ ଦାଶ ଓ ଡାକ୍ତର ରୂପେଶ ସେନାପତି ଉପସ୍ଥିତ ଥିଲେ । ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି ନିମନ୍ତେ ପରିବେଷିତ ନାଟକ ଏହି କାର୍ଯ୍ୟକ୍ରମରେ ଖୁବ୍ ଆଦୃତ ହୋଇଥିଲା । ଡାକ୍ତର ଲଗ୍ନଜୀତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ୍‌ରେ ମଧ୍ୟ ଶୁକ୍ରବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଫୁଲନଖରା କ୍ୟାମ୍ପସରେ ସିଜୋଫ୍ରେନିଆ ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । କ୍ୟାମ୍ପସ୍‌ର ଡିନ୍ ତଥା ଅଧକ୍ଷ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିଲା । ଏଥିରେ ମାନସିକ ରୋଗ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଅଭିଷେକ ସାମଲ୍, ଡାକ୍ତର ସାଇ ପ୍ରସାଦ ରାୟ, ଡାକ୍ତର ସୁଜାତା ସାହୁ, ଡାକ୍ତର ସୁଚରିତା ମିଶ୍ର ଏବଂ ସିନିୟର ରେସିଡେଂଟ ଡାକ୍ତର ସୁମାଇଲା ଆସିଫ ପ୍ରମୁଖ ଯୋଗ ଦେଇ ସିଜୋଫ୍ରେନିଆ ଦିବସର ଉଦ୍ଦେଶ୍ୟ, ରୋଗର ଲକ୍ଷଣ, ଚିକିତ୍ସା ପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ସଭାରେ ସିଜୋଫ୍ରେନିଆ ରୋଗୀ ଓ ସେମାନଙ୍କ ପରିବାର ପ୍ରତି ଥିବା ସହଯୋଗର ପ୍ରତୀକ ରୂପେ ଡାକ୍ତରଖାନାର ସମସ୍ତ ଡାକ୍ତର ଓ କର୍ମଚାରୀମାନେ ସିଲ୍‌ଭର ରିବନ୍ ପରିଧାନ କରିବା ସହ ସମସ୍ତଙ୍କୁ ସିଜୋଫ୍ରେନିଆ ରୋଗ ଉପରେ ଥିବା ସୂଚନା ପତ୍ର (ଇନ୍‌ଫର୍ମେସନ୍ ଲିଫ୍‌ଲେଟ୍) ବଂଟନ କରିଥିଲେ । ଏହି ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବା ଆବଶ୍ୟକ ବୋଲି ଡାକ୍ତରମାନେ ମତ ବ୍ୟକ୍ତ କରିଥିଲେ । ଏହି ସଭାରେ କ୍ୟାମ୍ପସ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ବେଆଇନ ଗୁଟଖା କାରବାର ଉପରେ ପୌରପାଳିକାର ଚଢ଼ଉ

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ଗୁଟୁଖା ଗୋଦାମ ଉପରେ ଜୟପୁର ପୌର ପାଳିକାର ଚଢ଼ଉ । ବେଆଇନ ଭାବେ ଗୁଟଖା କାରବାର ଚାଲୁଥିବା ସୂଚନା ପାଇ ଜୟପୁର ପୌରପାଳିକା ତରଫରୁ ଚଢଉ କରାଯାଇଛି । ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ସହରର କାପୁସାହିରେ ଥିବା ଏକ ଡିଷ୍ଟ୍ରୁବୁଟର ଓ ଭଦ୍ରାୟାସାହିରେ ଥିବା ଏକ ଏଜେନ୍ସିର ଦୁଇଟି ଗୋଦାମ ଉପରେ ଚଢଉ କରାଯାଇଥିଲା । ଜୟପୁର ଟାଉନ ପୋଲିସ ସହୟତାରେ ଏହି ଚଢଉ କରାଯାଇଥିଲା । ଚଢଉକୁ ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା ତଦାରଖ କରିଥିଲେ । ଅମନ ଏଜେନ୍ସିରେ ଚଢଉ କରି ୪୧୬ ପ୍ୟାକେଟ ଗୁଟୁଖା, ୧୧ ପ୍ୟାକେଟ ଜର୍ଦା ଜବତ କରିଛି । ଏହା ସହ ୨ଟି ଷ୍ଟଲରେ ୪୦ ପ୍ୟାକେଟରୁ ଊର୍ଦ୍ଧ୍ୱ ଗୁଟୁଖା ମହଜୁତ ହୋଇ ରହିଛି । ସେହି ଦୁଇଟି ଷ୍ଟଲକୁ ସିଲ କରିଛି ପୌରପାଳିକା । ପ୍ୟାକେଟରେ ୮୫ ପ୍ରତିଶତ ୱାରନିଙ୍ଗ ଲେବଲ ନଥିବାରୁ ସମସ୍ତ ଗୁଟଖା ଓ ଜର୍ଦାକୁ ଜବତ କରିଛି । ଅମନ ଏଜେନ୍ସି ମାଲିକକୁ ୫୦ ହଜାର ଟଙ୍କା ଆର୍ଥିକ ଜୋରିମାନା ସହ ଷ୍ଟଲ ସିଲ କରାଯାଇଛି । ଅମନ ଏଜେନ୍ସିର ଡ୍ରେଟ ଲାଇସେନ୍ସ ମଧ୍ୟ ନଥିବା ପୌର ପାଳିକା ଜାଣିବାକୁ ପାଇଛି ।

ସେହିପରି କାପୁ ସାହିରେ ଥିବା ଏକ ଡିଷ୍ଟ୍ରିବ୍ୟୁଟର ଉପରେ ଚଢଉ କରି ୩୮ ପ୍ୟାକେଟ ଗୁଟଖା ସହ ୩୧୦ କେଜି ପଲିଥିନ, ଡିସ୍ପୋଜଲ ଗ୍ଲାସ ଜବତ କରିଛି । ସେହି ଡିଷ୍ଟ୍ରିବ୍ୟୁଟରକୁ ୨୦ ହଜାର ଟଙ୍କା ଆର୍ଥିକ ଜରିମାନା କରାଯାଇଛି । ସେହି ଡିଷ୍ଟ୍ରିବ୍ୟୁଟର ମଧ୍ୟ ଡ୍ରେଟ ଲାଇସେନ୍ସ ମଧ୍ୟ ନଥିବା ପୌରପାଳିକା ଜାଣିବାକୁ ପାଇଛି ।

ଭୋଟ୍ ଗଣତି ପାଇଁ ତାଲିମ୍

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୪ ତାରିଖରେ ଭୋଟ୍ ଗଣତି କାର୍ଯ୍ୟକ୍ରମ ରହିଛି । ଏନେଇ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ କାଉଣ୍ଟିଂ ସୁପରଭାଇଜର ଓ କାଉଣ୍ଟିଂ ଆସିଷ୍ଟାଣ୍ଟ ସୁପର ଭାଇଜର ମାନଙ୍କୁ ତାଲିମ୍ ଦିଆ ଯାଇଛି । ରିଟର୍ଣ୍ଣିଂ ଅଫିସର ଏଡିଏମ କୋରାପୁଟ ଆଲୋମଣି ସେଠୀ, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ସହ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ଜୟପୁର ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବୋରିଗୁମ୍ମା ତହସିଲଦାର ଅମ୍ରିତ ଲାଲ ବେହେରା, କୋଟପାଡ ତହସିଲଦାର କୀର୍ତ୍ତି ଚନ୍ଦ୍ର ପଧାନ, କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକ, ଜୟପୁର ଏବିଡିଓ ମନୋଜ ନାୟକ ତାଲିମ ଦେଇଥିଲେ ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କଲେ ପରମେଶ୍ୱର ଫୁଙ୍କାଲ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଆଇଆରଏସଇ ପରମେଶ୍ୱର ଫୁଙ୍କାଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଏବଂ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା (ଆଇଆରଏସଇ) ୧୯୮୮ ବ୍ୟାଚ୍ ଅଧିକାରୀ ଅଟନ୍ତି । ଦୀର୍ଘ ଦଶନ୍ଧିର ଉଲ୍ଲେଖନୀୟ କ୍ୟାରିୟର ସହ ସେ ଡିଆରଏମ/ରାଜକୋଟ, ଏଡିଆରଏମ/ଅହମ୍ମଦାବାଦ, ଅଧକ୍ଷ/ଆରଆରବି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ/ଆରଡିଏସଓ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇଛନ୍ତି । ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳବାଇ, ମୁମ୍ବାଇରେ ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ।

ଆରଡିଏସଓରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବେଗ ବୃଦ୍ଧି କରିବା ପାଇଁ ଟ୍ରାକ ଏବଂ ବ୍ରିଜ୍ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ରେଲୱେ ଇଞ୍ଜିନିୟରିଂ ବ୍ୟତୀତ ମାନବ ସମ୍ବଳ କାର୍ଯ୍ୟ, ଗବେଷଣା ଏବଂ ଡିଜାଇନ ଏବଂ ସାଧାରଣ ପ୍ରଶାସନରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି । ଟ୍ରାକ୍, ବ୍ରିଜ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ସେ ଅନେକ ଗବେଷଣା ପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ କରିଛନ୍ତି । ବେଜିଂ (ଚାଇନା), କାଲଗରୀ (କାନାଡା) ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇ□ରନ୍ୟାସନାଲ ହେଭି ହଲ ଆସୋସିଏସନ (ଆଇଏଚ୍‌ଏଚ୍‌ଏ) ସମ୍ମିଳନୀରେ ସେ ରିସର୍ଚ୍ଚ ପେପର ଉପସ୍ଥାପନ କରିଥିଲେ । ସେ ସ୍ୱୀଡେନ, ଡେନମାର୍କ, ଫ୍ରାନ୍ସ, ଜର୍ମାନୀ, ଚୀନ, କାନାଡା, ମାଲେସିଆ, ସିଙ୍ଗାପୁର ଏବଂ ଇଟାଲୀ ଗସ୍ତ କରି ବିଭିନ୍ନ ପ୍ରଶିକ୍ଷଣ ଏବଂ ଅଧ୍ୟୟନ କାର୍ଯ୍ୟ କରିଛନ୍ତି । ଶ୍ରୀ ଫୁଙ୍କାଲଙ୍କର ସାହିତ୍ୟ ପ୍ରତି ଗଭୀର ଆଗ୍ରହ ରହିଛି ଏବଂ ତାଙ୍କର କିଛି କବିତା ସମକାଳୀନ ହିନ୍ଦୀ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି ଓଡ଼ିଶା ଆସିବେ ...

ଧାମରାଠାରେ ଅନୁଷ୍ଠିତ ରୋଡ ଶୋ ଓ ଜନସଭାରେ ଯୋଗ ଦେବେ । ଏହା ପରେ ଶ୍ରୀମତୀ ଷଡଙ୍ଗୀ ଅପରାହ୍ନ ୨.୩୦ରେ ଭଣ୍ଡାରିପୋଖରୀଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବେ । ସେହିପରି ତାରକା ପ୍ରଚାରକ ତଥା ସିନେ ଅଭିନେତା ଶ୍ରୀତମ ଦାସ ବୁଧବାର ସକାଳ ୧୦ଟାରେ ଭଣ୍ଡାରିପୋଖରୀ, ଅପରାହ୍ନ ୨ଟାରେ ଖଇରା ଓ ସିମୁଳିଆ, ସନ୍ଧ୍ୟା ୫ଟାରେ ଭଦ୍ରକ ସହରରେ ଅନୁଷ୍ଠିତ ରୋଡ ଶୋ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରେ...

କରିଛନ୍ତି । ଡବଲ ଇଞ୍ଜିନ ଛତିଶଗଡ଼ କଥା ଦେଖନ୍ତୁ, ସେଠାରେ ଶାନ୍ତି ନାହିଁ, ବମ୍ ଫୁଟୁଛି, ଗୁଳି ଫୁଟୁଛି, ଆପଣମାନେ ପ୍ରଥମେ ଛତିଶଗଡରେ ଶାନ୍ତି ଫେରାଇ ଆଣନ୍ତୁ । ତା'ପରେ ଓଡ଼ିଶା କଥା ଚିନ୍ତା କରିବେ । ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ, ନବୀନବାବୁଙ୍କ ଶାସନରେ ଲୋକମାନେ ଏଠାରେ ଖୁସିରେ ଅଛନ୍ତି, ଶାନ୍ତିରେ ଅଛନ୍ତି । ରେମୁଣାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ରେମୁଣାକୁ ବହୁତ ପୁଞ୍ଜି ଆସିବ, ଇଣ୍ଡଷ୍ଟ୍ରୀ ଆସିବ, ଏଠାକାର ଯୁବପୀଢି ରୋଜଗାର ପାଇବେ । ଆମ ନିର୍ବାଚନୀ ଇସ୍ତାହାର ଅନୁଯାୟୀ ବାଲେଶ୍ୱର-ବାରିପଦା-ଭଦ୍ରକକୁ ନେଇ ଏକ ବଡ ଅରବାନ୍ କ୍ଲଷ୍ଟର ହେବାକୁ ଯାଉଛି । ଏ ଅଞ୍ଚଳମାନଙ୍କରେ ବଡ଼ ବଡ଼ ଇଣ୍ଡଷ୍ଟ୍ରୀ ଗଢ଼ି ଉଠିବ, ନିଯୁକ୍ତି ସୃଷ୍ଟି ହେବ, ରୋଜଗାର ବଢ଼ିବ ଓ ସହରାଞ୍ଚଳର ବିକାଶ ହେବ । ଆସନ୍ତା ୧୦ ବର୍ଷରେ ନୂଆ ରୂପ ପାଇବ ବାଲେଶ୍ୱର-ରେମୁଣା ଅଞ୍ଚଳ । ରେମୁଣା ବିଧାୟକ ପ୍ରାର୍ଥୀଙ୍କ ପ୍ରସଙ୍ଗ ଉଠାଇ ସେ କହିଲେ ଯେ, ୨୦୧୯ରେ ମୁଖ୍ୟମନ୍ତ୍ରୀ ଜଣେ ମିଶନ ଶକ୍ତି ମା'ଙ୍କୁ ସାଂସଦ କରିଥିଲେ । ଏଥର ମଧ୍ୟ ଜଣେ ମିଶନ ଶକ୍ତି ମା'ଙ୍କୁ ଯାଜପୁରରେ ବିଧାୟକ ପ୍ରାର୍ଥୀ କରିଛନ୍ତି । ରାଜ୍ୟରେ ପ୍ରଥମ ଥର ପାଇଁ ଜଣେ ସରପଞ୍ଚ ମା'ଙ୍କୁ ନବୀନ ପଟ୍ଟନାୟକ ରେମୁଣାରୁ ବିଧାୟକ ପ୍ରାର୍ଥୀ କରିଛନ୍ତି । ସରପଞ୍ଚରୁ ବିଧାୟକ ପ୍ରାର୍ଥୀ ଭାବେ ଜିତିଲେ ସାରା ଓଡ଼ିଶାକୁ ଏକ ନୂତନ ବାର୍ତ୍ତା ଯିବ, ଏକ ନୂଆ ଇତିହାସ ରଚନା ହେବ ଓଡ଼ିଶାରେ । ନବୀନ ପଟ୍ଟନାୟକଙ୍କ ସରକାରରେ ଜଣେ ସରପଞ୍ଚ ବି ବିଧାୟକ ଓ ସାଂସଦ ହୋଇପାରିବେ, ଏହା ପ୍ରମାଣିତ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ ଯେ, ସାରା ଓଡ଼ିଶା ଜାଣିଛି ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଶପଥ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମ ଦସ୍ତଖତ କରିବେ, ବିଜୁଳି ବିଲ୍ ଛାଡ଼୍ ଓଡ଼ିଶାର ୯୦ ପ୍ରତିଶତ ପରିବାର ଏହାଦ୍ୱାରା ଉପକୃତ ହେବେ । ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବି.ଏସ୍.କେ.ୱାଇ ଯୋଜନାରେ ସାମିଲ ହେବେ । ତୃତୀୟ ଦସ୍ତଖତରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା ହେବ । ଚତୁର୍ଥ ଦସ୍ତଖତରେ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ରାଶି ପରିମାଣର ବୃଦ୍ଧି, ପୁଅ ପାଇବେ ୧୨ ହଜାର, ଝିଅ ପାଇବେ ୧୪ ହଜାର ଟଙ୍କା । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏତେ ଆପଣମାନଙ୍କ ଭଲ ପାଇବା ଓ ସବୁ ଯାଗାରେ ଭିଡ଼ ଦେଖି ବିରୋଧିଙ୍କ ନିଦ ଭାଙ୍ଗି ଗଲାଣି । ମୁଣ୍ଡ ଖରାପ ହୋଇଗଲାଣି । ସେମାନେ ମିଛ କଥା କହୁଛନ୍ତି । ଅପପ୍ରଚାରରେ ଲାଗି ପଡିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରୁଛନ୍ତି । ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ଜନମାନସର ନେତାଙ୍କୁ ଏମିତି ଅସମ୍ମାନିତ କଲେ

ଉତ୍କଳ ଦୀପିକା

ଭୁବନେଶ୍ୱର
୨୯ ମଇ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ବାଲେଶ୍ୱର ଜିଲ୍ଲାରେ ଦଳୀୟ ସଂସଦ ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯିବା ସହ ଶ୍ରୀ ପାଣ୍ଡିଆନ ସାଧାରଣ ଜନତାଙ୍କୁ ଭେଟୁଛନ୍ତି । (ଫଟୋ : ସମ୍ବାଦ କଳିକା)

ରାଧାନାରାୟଣ ଫାଉଣ୍ଡେସନ୍ ଓ ସୃଜନୀ ଆନୁକୂଲ୍ୟରେ ବିଶିଷ୍ଟ ନାଟ୍ୟକାର, କଳାକାର, ଗୀତିକାର, କବି, ସଂଗଠକ ତଥା ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଚାଳିତ ସଭାରେ ବିଶିଷ୍ଟ ଭାଷାବିତ୍ ଡ. ଦେବାଶିଷ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । (ଫଟୋ : ସମ୍ବାଦ କଳିକା)

ମୋଦିଙ୍କ ଗସ୍ତ ପାଇଁ ଏସ୍‌ସିବି ମେଡ଼ିକାଲ ପକ୍ଷରୁ ପ୍ରସ୍ତୁତି

୬ଜଣିଆ ଡାକ୍ତରୀ ଟିମ୍ ଗଠିତ

କଟକ, ୨୮/୦୫, ନ୍ୟୁଜ ବ୍ୟୁରୋ

ଅନ୍ତିମ ଲଢେଇ ପାଇଁ ଓଡ଼ିଶାକୁ ପ୍ରଚାର କରିବାକୁ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବୁଧବାର ଅର୍ଥାତ ମେ ୨୯ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାରାଥନ ପ୍ରଚାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦି ବୁଧବାର କେନ୍ଦ୍ରାପଡା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବିଶାଳ ସମାବେଶ କରିବେ । ତେବେ ଏହି ଗସ୍ତକୁ ନଜରରେ ରଖି ମୋଦିଙ୍କ ସ୍ୱାସ୍ଥ୍ୟ ପ୍ରତି ସୁରକ୍ଷା ନେଇ କଟକ ଏସସିବି ମେଡିକାଲରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଛି । ୬

ଜଣ ନ୍ୟୁରୋ ସର୍ଜନ ଓ କାର୍ଡିଓଲୋଜିଷ୍ଟ ଡାକ୍ତରଙ୍କୁ ଏହି ଗସ୍ତ ପାଇଁ ପଠାଇଛି ଏସସିବି । ଏମାନେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୩ ଜିଲ୍ଲା ହେଡ କ୍ୱାର୍ଟରରେ ପହଞ୍ଚିଛନ୍ତି । ଏହାପରେ ସମସ୍ତ ପ୍ରସ୍ତୁତି ଶେଷ କରି ସଭା ସ୍ଥଳରେ ମୁତୟନ ରହିବେ ଡାକ୍ତର । ପ୍ରତ୍ୟେକ ଜିଲ୍ଲା ପାଇଁ ୨ଟି ଲେଖାଏଁ ଡାକ୍ତର ରହିବେ । ଏହାପରେ ସେଠାରେ ଥିବା ଅନ୍ୟାନ୍ୟ ଡାକ୍ତରୀ ଟିମ୍ ସହ ସହଭାଗିତାରେ କାର୍ଯ୍ୟ କରିବେ ଏହି ୬ଜଣିଆ ଡାକ୍ତରୀ ଟିମ୍ । କେବଳ ପ୍ରଧାନମନ୍ତ୍ରୀ ନୁହଁନ୍ତି ତାଙ୍କ ଟିମ୍‌ର ମଧ୍ୟ ସ୍ୱାସ୍ଥ୍ୟ ଉପରେ ଫୋକସ ରଖିବ ଏସସିବି ଟିମ୍ ବୋଲି କହିଛନ୍ତି ଏସସିବି ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର । ତେବେ ଖରା ପ୍ରବଳ ହେଉଥିବାରୁ ସ୍ୱାସ୍ଥ୍ୟ କୌଣସି ମୁହୂର୍ତ୍ତରେ ବିଗିଡିପାରେ । ତେଣୁ ଏହି ବିପଦରୁ ମୁକ୍ତି ପାଇବା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୁତୟନ କରିଛି ଏସସିବି । ଏହି ଡାକ୍ତରୀ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଗସ୍ତ ସାରି ଫେରିବା ପର୍ଯ୍ୟନ୍ତ ମୁତୟନ ରହିବେ ବୋଲି ଏସସିବି ଅଧୀକ୍ଷକ କହିଛନ୍ତି । ପୂର୍ବରୁ କଟକ ଓ ଭୁବନେଶ୍ୱରରେ ରୋଡ଼ ଶୋ ଓ ସମାବେଶ କରିଥିଲେ ପ୍ରଧାନମନ୍ତ୍ରୀ । ବିଜେପିକୁ ବହୁ ମାତ୍ରାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ କହିଥିଲେ ମୋଦି । ଆସନ୍ତା ଜୁନ ୧ରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଲୋକସଭା ଆସନ ସମେତ ବଳକା ଥିବା ୪୨ଟି ବିଧାନସଭା ଆସନ ପାଇଁ ମତଦାନ ହେବ ।

ବିଜେଡ଼ିରେ ଯୋଗ ଦେଲେ ଭଦ୍ରକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ

ଭୁବନେଶ୍ୱର,୨୮/୦୫ ନ୍ୟୁଜ ବ୍ୟୁରୋ

ଭଦ୍ରକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ହରପ୍ରିୟା ସାହୁଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ନାୟକ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ମଙ୍ଗଳବାର ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଭଦ୍ରକ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ନାୟକ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ହରପ୍ରିୟା ନାୟକ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

କେଡ଼େ ସରାଗରେ ଲଟାଇଛି ଦେଖ
କାନ୍ଥରେ ମଧୁମାଳତୀ
କାହା ବାଟ ଚାହିଁ ବିତେଇ ଦେଉଛି
ଦିନ ଦିନ ରାତି ରାତି

ଜୀବନକୁ ସତେ ପରଖି ପାରିଛି
ଭୁଲିଛି ମୃତ୍ୟୁର ଭୀତି
ସଂସାରଟା ଯାକ ଏକାଠି କରିଛି
ବାଣ୍ଟିଛି ସୁରଭି ଦେଇଛି ପ୍ରୀତି

ପ୍ଲଟ ନଂ ୪୬୪
ସହିଦ ନଗର

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଡ୍ରାଇଭିଂବେଳେ ଫୋନ୍ ବ୍ୟବହାର କରି ଯାଇଛି ୧୬୩ ଜୀବନ

ଭୁବନେଶ୍ୱର,୨୮ ।୫ ନ୍ୟୁଜ ବ୍ୟୁରୋ

ଗାଡ଼ି ଚଳାଇବାବେଳେ ଡ୍ରାଇଭରମାନେ ମୋବାଇଲ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ରହିଛି । ହେଲେ ଏହାକୁ ଅଧିକାଂଶ ମାନୁ ନ ଥିବାରୁ ଦୁର୍ଘଟଣା ବଢୁଛି । ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର ଯୋଗୁ ୨୦୨୩ରେ ରାଜ୍ୟରେ ୪୩୩ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୬୩ଜଣଙ୍କ ଜୀବନ ଯାଇଥିବା ରାଜ୍ୟ ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି । ପରିବହନ ବିଭାଗ ପକ୍ଷରୁ ନିୟମିତ କଡ଼ାକଡ଼ି ଯାଞ୍ଚ ନ କରାଯିବା କାରଣରୁ ଏଭଳି ଦୁର୍ଘଟଣା ବଢ଼ିବାରେ ଲାଗିଛି । ଗାଡିରେ ଡ୍ରାଇଭିଂ ସିଟ୍‌ରେ ବସିବା ପରେ ଡ୍ରାଇଭରଙ୍କ ପାଖରେ ଆଉ ଫୋନ୍ ରହିବ ନାହିଁ । ଏ କ୍ଷେତ୍ରରେ ଯାତ୍ରୀମାନେ ଡ୍ରାଇଭରଙ୍କ ତ୍ରୁଟି ଦେଖିଲେ ତୁରନ୍ତ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ୨୦୧୯ ମସିହାରୁ ଏକ ନିୟମ କରାଯାଇଥିଲା । ନିୟମ କଡାକଡି ପାଳନ ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମଧ୍ୟ ଗଠନ ସହ ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରାଯାଇ ଚାଳକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିୟମକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା । ହେଲେ ଏବେ ନିୟମର କାର୍ଯ୍ୟକାରିତା ଓ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଡ୍ରାଇଭର ଡ୍ରାଇଭିଂ ସମୟରେ ଫୋନ୍‌ରେ କଥା ହେଉଥିବା ଓ ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବାର ବହୁ ନଜିର ରହିଛି । ସେହିପରି ପୂର୍ବରୁ ସୁପ୍ରିମକୋର୍ଟ ଭାରିଯାନରେ ସ୍କିଡ୍ ମିଟରର ଲଗାଇବାକୁ ଆଦେଶ ଦେଇଥିବାବେଳେ ରାଜ୍ୟରେ ଏଯାଏ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ ।

ପ୍ରକାଶ ପାଇବା ଅପେକ୍ଷାରେ...
'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା

ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ମନୋଜ କୁମାର ମହାପାତ୍ର
ସମକାଳର କଥା : ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ ।
ଅନ୍ୟଭାଷାର କଥା : ରେବା ପଟ୍ଟନାୟକ ।
ଯୁବ ମାନସର କଥା : ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୃଷ୍ଠସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ପ୍ରଶାନ୍ତ ଜଗଦ୍ଦେବ ଭଳି ଜଣେ ଗୁଣ୍ଡାକୁ ନିର୍ଦ୍ଦୋଷ ସଜାଇବା ପାଇଁ ଉଦ୍ୟମ କରୁଛନ୍ତି ବିଜେପି ନେତା: ବିଜେଡି

ଭୁବନେଶ୍ୱର, ୨୮/୦୫ ନ୍ୟୁଜ ବ୍ୟୁରୋ

ଖୋର୍ଦ୍ଧା ପାଇଁ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ନାମକ ଜଣେ ଗୁଣ୍ଡାକୁ କିଛି ଦିନ ତଳେ ଗିରଫ କରାଯାଇଥିଲା । ଗିରଫ ହେବା ପରେ ମଙ୍ଗଳବାର ଅପରାଜିତା ଷଡ଼ଙ୍ଗୀଙ୍କ ଭଳି ଓଡ଼ିଶା ବିଜେପି ନେତାଙ୍କ ମଧ୍ୟରେ ଗଣମାଧ୍ୟମରେ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଜଣାପଡିଛି । ଇଭିଏମ୍ ଭାଙ୍ଗିବା, ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀ ଓ ସେଠାରେ ଧାଡ଼ିରେ ଠିଆ ହୋଇଥିବା ଭୋଟରଙ୍କୁ ମାଡ଼ ମାରିବା କାରଣରୁ ଯେମିତି ତାଙ୍କର ମହାନତା ବୃଦ୍ଧି ପାଇଛି ବୋଲି କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ଡ.ପାତ୍ର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆମେ ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଓଡ଼ିଶା ବିଜେପି ନେତାଙ୍କ ସ୍ମୃତିକୁ ତାଜା କରିବାକୁ ଚାହୁଁଛୁ, ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେ ସେହି ବ୍ୟକ୍ତି ଥିଲେ ଯିଏ କି ୨୦୨୨ରେ ମାତାଲ ଅବସ୍ଥାରେ ବିଜେପି କର୍ମୀଙ୍କ ଉପରେ କାର୍ ଚଢାଇ ଦେଇଥିଲେ । ସେ ସେହି ବ୍ୟକ୍ତି ଯିଏ ବାଲୁଗାଁର ବିଜେପି ନଗର ସଭାପତିଙ୍କୁ ମାଡ଼ ମାରିଥିଲେ । ତାଙ୍କ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କରିଥିଲେ । କିନ୍ତୁ ଓଡ଼ିଶା ବିଜେପି ନେତାମାନେ ତାଙ୍କୁ ଫୁଲମାଳ ପକାଇ ସ୍ୱାଗତ କରିବା ପରେ ଚଳିତ ନିର୍ବାଚନରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦେଇଥିଲେ । ପ୍ରଶାନ୍ତ ଜଗଦ୍ଦେବ ୨୦୨୨ରେ ବିଜେପି କର୍ମୀଙ୍କୁ ଗାଡି ଚଢାଇବା ଏବଂ ଅତୀତରେ ମଧ୍ୟ ବିଜେପି ନଗର ସଭାପତିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିବାବେଳେ ବିଜେପି ତାଙ୍କୁ ଏଭଳି ଭାବେ ପୁରସ୍କୃତ କରିଛି । ଗ୍ୟାଙ୍ଗଷ୍ଟର

ଧଳସାମନ୍ତ ଭାଇଙ୍କୁ କଟକର ବାଇମୁଣ୍ଡି କହିବା କିମ୍ବା ଗ୍ୟାଙ୍ଗଷ୍ଟର ଟିଟୋକୁ ପେଟ୍ରୋଲ ପମ୍ପ ଦେବା ହେଉ ଓଡ଼ିଶା ବିଜେପିର ଅପରାଧୀଙ୍କ ପ୍ରତି ଦରଦ ରହିଛି । ସେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ବିରୋଧରେ ଓଡ଼ିଶା ବିଜେପିର ଅନେକ ନେତା ନକାରାତ୍ମକ ମନ୍ତବ୍ୟ ଦେଇଥିଲେ । ଭୁବନେଶ୍ୱର ଲୋକସଭା ପାଇଁ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ସେତେବେଳେ କହିଥିଲେ ପ୍ରଶାନ୍ତ ଜଗଦ୍ଦେବ କେଉଁ ପରିପ୍ରେକ୍ଷୀରେ, ଜଣେ ବିଧାୟକ ମହୋଦୟ ଜନପ୍ରତିନିଧି, ଲୋକମାନଙ୍କ ଉପରେ ଗାଡି ଚଢ଼େଇ ଦେଲେ । ପ୍ରଶାନ୍ତ ଜଗଦ୍ଦେବ, ଏହି ଭଳିଆ ଲୋକର ଜାଗା ବାହାରେ ନୁହେଁ, ଜେଲ୍ ଭିତରେ ଅଛି । ପୁରୀ ଲୋକସଭା ପାଇଁ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର କହିଥିଲେ ତାଙ୍କୁ ବାହୁବଳୀ ବିଧାୟକ କାହିଁକି କୁହା ହୁଏ, ମିଡିଆ ମଧ୍ୟ କାଲିଠୁ ତାଙ୍କର ସବୁ ଟ୍ରାକ୍ ରେକର୍ଡ ଦେଖାଉଛି । ଏଇ ଟ୍ରାକ୍ ରେକର୍ଡ ଥିବା ବିଧାୟକଙ୍କୁ ବିଜେଡିରୁ କାହିଁକି ନିଷ୍କାସିତ କରା ହୋଇନଥିଲା । ପୁରୀ ଲୋକସଭା ପାଇଁ ବିଜେପି ସାଂସଦ ପ୍ରାର୍ଥୀ ଡ. ସମ୍ବିତ ପାତ୍ର କହିଥିଲେ ଲୋକଙ୍କ ଉପରେ ଏମିତି ଗାଡି ଚଢ଼େଇ ଦେବ, ହଟହଟା କରିବ, କିମ୍ବା ତାଙ୍କୁ ମାରିବ, ଏଇଟା କ'ଣ ଦର୍ଶାଉଛି । ସେହିପରି ଚାକିରି ଦେବାର ପ୍ରତିଶ୍ରୁତି ଦେଇ ନିଜ ନିର୍ବାଚନମଣ୍ଡଳୀର ଗରିବ ଲୋକଙ୍କୁ ଠକିଥିବା ପ୍ରଦୀପ ପାଣିଗ୍ରାହୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି । ଜନବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡି ବହିଷ୍କାର କରିଥିଲା । ଯେଉଁ ବ୍ୟକ୍ତିଙ୍କ ବିରୋଧରେ ବିଜେପି ଆନ୍ଦୋଳନ କରୁଥିଲା, ତାଙ୍କୁ ଫୁଲମାଳ ପକାଇ ସେମାନେ ତାଙ୍କୁ ନିଜର ଆଗଧାଡ଼ିର ନେତା କରିଥିଲେ । ଦୀର୍ଘ ବର୍ଷ ଧରି କାମ କରିଥିବା ଦଳର ନେତାଙ୍କୁ ଅଣଦେଖା କରି ସେମାନେ ଜଣେ ଠକଙ୍କୁ ଟିକେଟ୍ ଦେଇଥିଲେ । ସେହି ଓଡ଼ିଶା ବିଜେପି ନେତାମାନେ ତାଙ୍କୁ ଚିଟ୍‌ଫଣ୍ଡ ଚୋର ବୋଲି କହୁଥିଲେ ଏବଂ ଆଜି ସେ ସେମାନଙ୍କ ପୋଷ୍ଟର ବୟ ପାଲଟିଯାଇଛନ୍ତି । ନିର୍ବାଚନ ସମୟରେ ଯେଉଁ କେନ୍ଦ୍ରୀୟ ନେତାମାନେ ନିର୍ବାଚନ ପର୍ଯ୍ୟଟକ ଭାବରେ ଓଡ଼ିଶା ଆସୁଛନ୍ତି ଏବଂ ଓଡ଼ିଶା ବିଜେପି ନେତାମାନେ ସେମାନଙ୍କୁ ଦିଆଯାଇଥିବା ଲେଖାକୁ ଶୁଆ ଭଳି ଦୋହରାଉଛନ୍ତି ସେମାନେ ବୋଧହୁଏ ଓଡ଼ିଶା ବିଜେପି ଏବଂ ଅପରାଧୀଙ୍କୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ଟିକେଟ ଦେବାର ନୀତି ବିଷୟରେ ଅବଗତ ନୁହଁନ୍ତି । ଏହି କେନ୍ଦ୍ରୀୟ ନେତାମାନେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହୁଛନ୍ତି । ଏହା ଶୁଣି ସମଗ୍ର ଓଡ଼ିଶାବାସୀ ହସୁଛନ୍ତି । ଯେତେବେଳେ ଓଡ଼ିଶା ବିଜେପି ନେତାମାନେ ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ରକ୍ଷା କରିବା ପାଇଁ ଆଜି ଲାଇଭ୍ ଟେଲିଭିଜନରେ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କେନ୍ଦ୍ରୀୟ ନେତାଙ୍କ କଥା ଫମ୍ପା ଭଳି ଲାଗୁଛି । ଏହା ହେଉଛି ଓଡ଼ିଶା ବିଜ